ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.111 Bhubaneswar Saturday June 11 2022 ୨୫ତମ ବର୍ଷ ସଂଖ୍ୟା-୧୧୧ ଭୁବନେଶ୍ୱର, ଶନିବାର, ଜୁନ ୧୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

ଗଞ୍ଜେଇ ଯାଞ୍ଚ କରୁଥିଲେ, ମିଳିଲା ୫୦ ଲକ୍ଷ ଟଙ୍କାର ହୀରା

ଉମରକୋଟ, ୧୦।୬(ପି.ଏନ): ଓଡିଶାରୁ ଚ଼ାଲାଣ ହେଉଥିବା ଗଞ୍ଜେଇ ଧରିବା ପାଇଁ ଯାଞ୍ଚ କରୁଥିଲା ଛତିଶଗଡ ପୁଲିସ୍। ହେଲେ ମିଳିଲା ୫୦ ଲକ୍ଷ ଟଙ୍କାର ହୀରା। ବାପ-ପୁଅ ଯୋଡି ସ୍ୱୁଟିରେ ହୀରା ନେଇ ଯାଉଥିବା ବେଳେ ପୁଲିସ ହାତରେ ଧରାପଡିଛନ୍ତି । ଗୁରୁବାର ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଭାରସୁଣ୍ଡି ଟୋଲା ଗାଁର ଖୋକନ ଢାଲି ଓ ତାଙ୍କ ପୁଅ ବିପ୍ଳବ ଢାଲି ସ୍ୱୁଟିରେ ହୀରା ଧରି ଛତିଶଗଡର ରାୟପୁର ଅଭିମୁଖେ ଯାଉଥିଲେ। ତେବେ ରାସ୍ତାରେ ଛତିଶଗଡର ଶୋଭା ଥାନା ପୁଲିସ୍ ଯାନବାହାନ ଯାଞ୍ଚ କରୁଥିଲା। ପୁଲିସକୁ ଦେଖି ଉଭୟ ବାପ-ପୁଅ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ସେମାନଙ୍କୁ ପୁଲିସ୍ ମାଡି ବସିଥିଲା।ଗାଡ଼ି ଯାଞ୍ଚ ବେଳେ ଡିକିରୁ ୭୪୫ କ୍ୟାରେଟ୍? ହୀରା ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ହେବ ବୋଲି ଗରିଆବନ୍ଦ ଏସ୍‌ପି ସୂଚନା ଦେଇଛନ୍ତି। ପୁଲିସ ବାପ-ପୁଅଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଛି। ଏମାନେ କେତେଦିନ ହେଲା ହୀରା ଚ଼ାଲାଣ କରୁଥିଲେ? କେଉଁଠୁ ହୀରା ଆଣି କୁଆଡ କେଉଥିଲେ? ହୀରା ଚ଼ାଲାଣର ମାଷ୍ଟର ମାଇଁଣ୍ଡ କିଏ? ଏ ସବୁର ଉତ୍ତର ପାଇବା ପାଇଁ ଛତିଶଗଡ ପୁଲିସ୍ ତଦନ୍ତ ଚ଼ଳାଇଛି। ସୂଚନାରୁ ପ୍ରକାଶ, ଅନେକ ସମୟରେ ଓଡିଶାରୁ ଛତିଶଗଡକୁ ବାଇକ୍, ବୋଲେରୋ ଓ ଟ୍ରକ୍‌ରେ ଗଞ୍ଜେଇ ଚ଼ାଲାଣ ହେଉଛି। ଯେଉଁଥିପାଇଁ ଛତିଶଗଡ ପୁଲିସ ସୀମାନେ ତୀକ୍ଷ୍ଣ ନଜର ରଖିବା ସହିତ ଓଡିଶାରୁ ଯାଉଥିବା ଗାଡି ଗୁଡିକୁ ତନ୍ନତନ୍ନ କରି ଯାଞ୍ଚ କରୁଛି। ଏହି ଯାଞ୍ଚ ବେଳେ ଗୁରୁବାର ଛତିଶଗଡ ପୁଲିସ୍‌କୁ ହୀରା ମିଳିଛି।

ଓଡିଶା ବିଧାନସଭା ବାଚସ୍ପତି ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ବିକ୍ରମ କେଶରୀ ଆରୁଖ

ଭୁବନେଶ୍ୱର, ୧୦।୬(ପି.ଏନ): ଓଡିଶା ବିଧାନସଭାର ବାଚସ୍ପତି ପଦ ପାଇଁ ବିଜେଡିର ବରିଷ୍ଠ ବିଧାୟକ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଦିନ ନାମଙ୍କନ ପତ୍ର ଦାଖଲ କରିଛନ୍ତି । ବିଧାନସଭା ସଚିବଙ୍କ ନିକଟରେ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆସନ୍ତା ୧୩ ତାରିଖ ଦିନ ସେ ବିଧାନସଭାର ନୂଆ ବାଚସ୍ପତି ଭାବେ ନିର୍ବାଚିତ ହେବେ ।ଭଂଜନଗରରୁ ବିଧାୟକ ଶ୍ରୀ ଆରୁଖ ବିଧାନସଭାର ଜଣେ ବରିଷ୍ଠ ବିଧାୟକ । ଏହା ପୂର୍ବରୁ ସେ ଅନେକ ଥର ମନ୍ତ୍ରୀ ରହି ସାରିଛନ୍ତି । ଏବେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀ ମାନେ ଇସ୍ତଫା ଦେବା ସମୟରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।ଅନ୍ୟ ପକ୍ଷରେ ବିଧାନସଭାର ବାଚସ୍ପତି ଥିବା ସୂର୍ଯ୍ୟ ନାରାୟଣ ପତ୍ର କିଛି ଦିନ ପୂର୍ବରୁ ଇସ୍ତଫା ଦେଇଥିଲେ । ତେଣୁ ବିଧାନସଭା ସଚିବାଳୟ ପକ୍ଷରୁ ବାଚସ୍ପତି ନିର୍ବାଚନ ପାଇଁ ଘୋଷଣା ହୋଇଥିଲା ।

୨ରୁ ବିଧାନସଭା ଅଧିବେଶନ, ପ୍ରଥମ ଦିନ ଆସିବ ବାର୍ଷିକ ବଜେଟ୍

ଭୁବନେଶ୍ୱର, ୧୦।୬(ପି.ଏନ): ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨ ତାରିଖରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ। ଧିବେଶନରେ ମୋଟ ୨୪ଟି କାର୍ଯ୍ୟ ଦିବସ ଥିବାବେଳେ ଜୁଲାଇ ୩୦ରେ ବ୍ୟୟ ମଞ୍ଜୁରୀ ବିଲ୍ ଉପସ୍ଥାପନ ହେବ।ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଜୁଲାଇ ୨ ତାରିଖରେ ପୂର୍ଣ୍ଣାଙ୍ଗ ଉପସ୍ଥାପନ ହେବ। ଜୁଲାଇ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ଜୁଲାଇ ୧୪ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ଅଗଷ୍ଟ ୨ ଓ ୪ ପ୍ରାଇଭେଟ୍ ମେମ୍ବରସ୍ ବିଲ୍ ପାଇଁ ଉଦ୍ଦିଷ୍ଟ ରହିଛି।

ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ଏଏସଆଇ

ଭୁବନେଶ୍ୱର, ୧୦।୬(ପି.ଏନ): ଜଣେ ପୋଲିସ ଏଏସଆଇ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଖୋର୍ଧା ଜିଲ୍ଲାର ବୋଲଗଡ ଥାନା ଏଏସଆଇ ଭଗବାନ ସ୍ୱାଇଁ ଧରାପଡିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଏକ ମାମଲାର ଦଫାକୁ କୋହଳ ସହ ଗିରଫଦାରୀଙ୍କୁ ଏଡାଇବାକୁ ଭଗବାନ ୬ହଜାର ଟଙ୍କା ଲାଂଚ ମାଗିଥିଲେ। ଏ ନେଇ ଉକ୍ତ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସରେ ଜଣାଇଥିଲେ। ଶୁକ୍ରବାର ସୁକାନ୍ତିଙ୍କ ଠାରୁ ୬ ହଜାର ଟଙ୍କା ଭଗବାନ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିଲେ। ଭଗବାନଙ୍କୁ ଖୋର୍ଦ୍ଧା ଭିଜିଲ୍ଲାନ୍ସ ଅଟକ ରଖି ପଚରାଉଚରା କରୁଥିବା ଜଣା ପଡିଛି ।

ଭିଜିଲାନ୍ସ ପୋଲିସ ଇନ୍ସପେକ୍ଟର ମାନସୀ ଜେନା ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର, ୧୦।୬(ପି.ଏନ): ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପୋଲିସ ଇନ୍ସପେକ୍ଟର ମାନସୀ ଜେନାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି। ମାନସୀଙ୍କୁ ଚାକିରୀରୁ ପୋଲିସ ଡିଜି ବହିଷ୍କାର କରି ଥିବା ନେଇ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଗତ ମାସ ୧୨ ତାରିଖରେ ଜଣେ ସହଯୋଗୀଙ୍କ ଜରିଆରେ ଲାଂଚ ନେଇ ସେ ମାନସୀ ଧରାପଡିଥିଲେ। ଜଣେ ଅଫିସରଙ୍କ ନାମରେ ଥିବା କେସକୁ ରଫାଦଫା କରିବା ପାଇଁ ସେ ଲାଂଚ ନେଉଥିବା ବିଷୟରେ ଜଣା ପଡିଥିଲା ।

ମୁଖୀଗୁଡା ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣା : ସପ୍ତାହେ ବିତିଲା, ଚୋରଙ୍କ ସୁରାଗ୍ ପାଉନି ପୋଲିସ

ମୁଖୀଗୁଡା, ୧୦।୬(ପି.ଏନ): କଳାହାଣ୍ଡି ଜିଲ୍ଲା ମୁଖୀଗୁଡା ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାର ସପ୍ତାହକ ପରେ ବି ଚୋରଙ୍କ ସୁରାଗ୍ ପାଇନି ପୋଲିସ। ଆଗକୁ ରଥଯାତ୍ରା ଥିବାବେଳେ ଅଦ୍ୟାବଧି ଚୋରି ସାମଗ୍ରୀ ଉଦ୍ଧାର ନହେବା ଏବଂ ଚୋରଙ୍କୁ ଧରିବାରେ ପୋଲିସ ସକ୍ଷମ ନହେବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ପୋଲିସର ପାରିବାପଣିଆକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଗତ ୩ ତାରିଖ ବିଳମ୍ବିତ ରାତିରେ କଳାହାଣ୍ଡି ଜିଲ୍ଲା ମୁଖୀଗୁଡା ଜଗନ୍ନାଥ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର, ପିତଳ ସାମଗ୍ରୀ, ହୁଣ୍ଡିରେ ଥିବା ଟଙ୍କା ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମୁଖୀଗୁଡା ଫାଣ୍ଡିରେ ଏତଲା ହୋଇଥିଲା । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ଏଯାବତ୍ ଚୋରଙ୍କୁ ଧରିପାରିନାହିଁ ପୋଲିସ । ଅନ୍ୟପକ୍ଷରେ ଏନେଇ ପୋଲିସର ପ୍ରତିକ୍ରିୟା ନେବାରେ ଜୟପାଟଣା ଥାନା ଅଧିକାରୀ ବାସୁଦେବ ଛତ୍ରିଆ କହିଛନ୍ତି ଯେ, ଅଦ୍ୟାବଧି ଚୋର ମାନଙ୍କ ସମ୍ପର୍କରେ କୌଣସି ସନ୍ଧାନ ମିଳିପାରିନାହିଁ, ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରୀ ରହିଛି । ଅପରପକ୍ଷରେ ମୁଖୀଗୁଡା ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରଶନ୍ନ ମିଶ୍ର ପୋଲିସର ତଦନ୍ତ ଉପରେ ଭରସା ରଖିଥିବା ବେଳେ ଯେଉଁଠାରେ ଭଗବାନ ସ୍ୱୟଂ ସୁରକ୍ଷିତ ନୁହଁନ୍ତି, ସେଠାରେ ସାଧାରଣ ଜନତା କେତେଦୂର ସୁରକ୍ଷିତ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି । ତେଣୁ ଏ ଦିଗରେ ତଦନ୍ତକୁ ଜୋରଦାର କରିବା ସହ ତୁରନ୍ତ ଚୋରି ସାମଗ୍ରୀ ଉଦ୍ଧାର କରିବା ଏବଂ ଚୋରଙ୍କୁ ପୋଲିସ ଗିରଫ କରୁ ବୋଲି ସାଧାରଣରେ ଦାବି ହେଉଛି ।

ଓଡ଼ିଶା ହାଇକୋର୍ଟର ଦୁଇ ନବ ନିଯୁକ୍ତ ବିଚାରପତିଙ୍କ ଶପଥ ଗ୍ରହଣ

କଟକ, ୧୦।୬(ପି.ଏନ): ଓଡ଼ିଶା ହାଇକୋର୍ଟର ଦୁଇ ଜଣ ନବ ନିଯୁକ୍ତ ବିଚାରପତି ଆଜି ଶପଥ ଗ୍ରହଣ କରିଛନ୍ତି। ଏହି ଦୁଇ ନୂଆ ବିଚାରପତି ହେଲେ ଜଷ୍ଟିସ୍ ଶୁଭାଶିଷ ତାଳପତ୍ର ଓ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର। ଉଭୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି ଡଃ. ଏସ. ମୁରଲୀଧର। ତ୍ରିପୁରା ହାଇକୋର୍ଟରୁ ବଦଳି ହୋଇ ଆସିଛନ୍ତି ଶୁଭାଶିଷ ତାଳପତ୍ର । ସେହିପରି ଆଇନଜୀବୀ ସଞ୍ଜୟ କୁମାର ମିଶ୍ର ନୂତନ ବିଚାରପତି ଭାବେ ଶପଥ ନେଇଛନ୍ତି। ପୁରୁଣା ହାଇକୋର୍ଟ କନଫରେନ୍ସ ହଲରେ ଆୟୋଜିତ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ବରିଷ୍ଠ ଆଇନଜୀବୀ ମାନେ ଉପସ୍ଥିତ ଥିଲେ।

ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ୨ ଲକ୍ଷ ୭୦ ହଜାର ଟଙ୍କା ଲୁଟ୍ ଅଭିଯୋଗ

ଘସିପୁରା, ୧୦।୬(ପି.ଏନ): ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ୨ ଲକ୍ଷ ୭୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନାରୁ ଜଣାଯାଏ, କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଖଡ଼ିବିଲ ଛକ ନିକଟରେ ଡ୍ରାଇଭର୍ ଅଜୟ କୁମାର ବାରିକଙ୍କ ବେକରେ ଛୁରୀ ଲଗାଇ ୪ ଜଣ ମୁଖା ପିନ୍ଧିଥିବା ଦୁର୍ବୃତ୍ତ ତାଙ୍କଠାରୁ ୨ ଲକ୍ଷ ୭୦ ହଜାର ଟଙ୍କା ଓ ତାଙ୍କ ମୋବାଇଲ୍ ଫୋନ୍ ଲୁଟି ନେଇଥିବା ଘସିପୁରା ଥାନାରେ ଅଭିଯୋଗ ହୋଇଛି ।

ନନ୍ଦିଘୋଷ ଅଖରେ ଫାଟ, ଦର୍ପଦଳନ ପହିରେ ଫାଟ

ପୁରୀ, ୧୦।୬(ପି.ଏନ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୩ରଥ ନିର୍ମାଣ କାର୍ଯ୍ୟ ରଥଖଳାରେ ଆଗେଇ ଚାଲିଛି। ଅଭିଜ୍ଞ ମହାରଣାମାନଙ୍କ ଦ୍ୱାରା ରଥ ନିର୍ମାଣ ହେଉଅଛି । ରଥ ନିର୍ମାଣ ସଂପର୍କରେ ଅଧିକ ଯାଂଚ ପାଇଁ ପୂର୍ତ୍ତ ବିଭାଗର ଇଂଜିନିୟର ମାନେ ରଥଚକ,ଅଖ, ପହି,ଅର, ଦଣ୍ଡା, ଫ୍ରେମ,ତୁମ୍ବ ଆଦି ଅଂଶଗୁଡ଼ିକୁ ତନ୍ନ ତନ୍ନ କରି ଯାଂଚ କରୁନଥିବାରୁ ବିଭିନ୍ନ ସମୟରେ ଫାଟ ଦେଖିବାକୁ ମିଳୁଛି । ଆଜି ନନ୍ଦିଘୋଷ ରଥର ପଛ ବ୍ରେକ୍ ଚକର ଅଖରେ ଫାଟ ଦେଖାଦେଇଛି । ଏହି ଅଖକୁ ବଦଳାଇବା ପାଇଁ ବୈଷୟିକ କମିଟି ନିଷ୍ପତି ନେଇଛନ୍ତି । ଫଟା ଅଖ ବଦଳାଇବା ପାଇଁ ନୂଆ ଅଖ ନିର୍ମାଣ ଚାଲିଛି । ରେଲୱେ ଜ୍ୟାକ୍ ଅଣାଯାଇ ଅଖ ବଦଳା ଯବି ବୋଲି ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଦର୍ପଦଳନ ରଥର ଗୋଟିଏ ଚକର ପହିରେ ଫାଟ ଦେଖାଦେଇଛି । ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ ରଥ ଖଳାରେ ବୁଲୁଥିଲେ ମଧ୍ୟ ଉପର ଠାଉରିଆ ଭାବେ ଦେଖୁଥିବାରୁ ପ୍ରକୃତ ଫାଟ ଜାଣିପାରୁନଥିବା ଅଭିଯୋଗ ହେଉଛି ।

ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୧୨ ଜିଲ୍ଲାରେ କାଳବୈଶାଖୀ

ଭୁବନେଶ୍ୱର, ୧୦।୬(ପି.ଏନ): ଆଗାମୀ ୨୪ ଘଂଟା ମଧ୍ୟରେ, ଅର୍ଥାତ୍ ୧୧ ତାରିଖ ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ଓଡ଼ିଶାର ୧୨ଟି ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ସେହିପରି ଏହି ସମୟ ମଧ୍ୟରେ ପଶ୍ଚିମ ଓଡ଼ିଶାର ୨ ଜିଲ୍ଲାରେ ପ୍ରବଳ ଗାଷ୍ମ ପ୍ରବାହ ଜାରି ରହିବ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ପୂର୍ବାନୁମାନ କରାଯାଇଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହା ଯାଇଛି ଯେ ରାଜ୍ୟର ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଂଜାମ, କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଂଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। କାଳବୈଶାଖୀ ସମୟରେ ବଜ୍ରପାତର ଆଶଙ୍କା ରହୁଥିବାରୁ ଲୋକଙ୍କୁ ଏହି ସମୟରେ ଖୋଲାସ୍ଥାନକୁ ବାହାରିବାକୁ ବାରଣ କରାଯାଇଛି। ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆହୁରି କୁହା ଯାଇଛି ଯେ ବରଗଡ଼ ଓ ସୋନପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ଲହରି ପ୍ରବାହିତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଶିଶୁ, ବୃଦ୍ଧ ଏବଂ ଅସୁସ୍ଥ ଲୋକଙ୍କ ପ୍ରତି ବିଶେଷ ଦୃଷ୍ଟି ରଖିବା ସହ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପଦାକୁ ଖରାରେ ନବାହାରିବାକୁ ପରାମର୍ଶ ଦିଆଯାଇଛି।

୬ହଜାର ଲାଂଚ ନେଇଏ.ଏସ.ଆଇ. ଭଗବାନ ସ୍ୱାଇଁ ଭିଜିଲାନ୍ସ ଦ୍ୱାରା ଗିରଫ

ଖୋର୍ଦ୍ଧା, ୧୦।୬(ପି.ଏନ): ଦୀର୍ଘଦିନ ପରେ ପୁଣି ଜଣେ ଖାକି ବାକୁ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ।ବାବୁ ଜଣକ ହେଲେ ବୋଲଗଡ ଥାନାରେ କାର୍ଯ୍ୟରତ ଏ.ଏସ.ଆଇ ଭଗବାନ ସ୍ୱାଇଁ । ଏକ ମାମଲାରେ ୨ଜଣଙ୍କୁ ଗିରଫଦାରୀକୁ ଏଡାଇବା ଓ ହଫା କୋହଳ ଲାଗି ୬ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଜଣାଯାଇଛି । ବୋଲଗଡ ଥାନା ଅ'ର୍ଗତ ଖାରଡପଲୀ ଗ୍ରାମର ହୋଇଥିବା ଏକ ଅଭିଯୋଗ ଉପରେ ପୁଲିସ ୯୮/୨୨ରେ ଏକ

ମାମଲା ରୁଜୁ କରିଥିଲା ।ଏଥିରେ ସେହିଗ୍ରାମର ଚନ୍ଦନ ପଟ୍ଟନାୟକ ଓ ତାର ବନ୍ଧୁ ମାଧବ ପ୍ରଧାନଙ୍କ ନାମ ଅଭିଯୁକ୍ତ ରହିଥିଲେ ।ତେବେ ଚନ୍ଦନର ମାଆ ସୁକାନ୍ତୀ ପଟ୍ଟନାୟକଙ୍କୁ ୨ଜଣଙ୍କ ଗିରଫଦାରୀ ଏଡାଇବା ଏବଂ ଦଫା କୋହଳ ନିମନ୍ତେ ଏଏସଆଇ ଶ୍ରୀ ସ୍ୱାଇଁ ୬ହଜାର ଟଙ୍କା ଲାଂଚ ଦାବୀ କରିଥିଲେ । ଏହାକୁ ନେଇ ସୁକା'ୀ ଭିଜିଲାନ୍ସର ଦ୍ୱାରସ୍ତ ହୋଇଥିଲେ। ଏହାପରେ ଆଜି ଦିନ ପ୍ରାୟ ଗୋଟାଏ ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ କର୍ମଚାରୀମାନେ ଥାନା ପରିସରରେ ଛପି ରହିଥିଲେ । ସୁକାନ୍ତୀଙ୍କ ଠାରୁ ୬ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ପୁଲିସ ଏ.ଏସ.ଆଇ ଶ୍ରୀ ସ୍ୱାଇଁ ଧରାପଡ଼ିଥିଲେ। ସୁକାନ୍ତୀ ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ଭିଜିଲାନ୍ସ ୧୪/୨୨ରେ ଏକ ମାମଲା ରୁଜୁ କରି ଶ୍ରୀ ସ୍ୱାଇଁଙ୍କୁ ଗୀରଫ କରିଥିବାବେଳେ ସରକାରୀ ବାସ ଭବନ ଓ ବାଙ୍କୀ ଦୁଲଣାପୁରସ୍ଥିତ ପୈତୃକ ବାସ ଭବନରେ ଚଢାଉ ଜାରି ରହିଥିବା ଜଣାଯାଇଛି ।

କେନ୍ଦୁଝର ରେ ପତ୍ନୀହନ୍ତା ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦୁଝର, ୧୦।୬(ପି.ଏନ): କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଚିତ ରଞ୍ଜନ ମହାପାତ୍ର ଶୁକ୍ରବାର ଦିନ ଏକ ହତ୍ୟା ମାମଲାର ଶୁଣାଣୀ କରି ଜଣେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଏବଂ ଜରିମାନା ଅନାଦେୟ ଆଉ ୧ ବର୍ଷ ଦଣ୍ଡାଦେଶ ଦେଇଛନ୍ତି । ଅଭିଯୁକ୍ତ ଜଣକ ହେଉଛନ୍ତି କାହୁ ମାରାଣ୍ଡି ଏବଂ ତାଙ୍କର ଘର କେନ୍ଦୁଝର ଜିଲ୍ଲା ର ପଣ୍ଡାପଡା ଥାନା ଅନ୍ତର୍ଗତ ଜୁଙ୍ଗା ମାଝୀ ସାହି ବୋଲି ଜଣାପଡିଛି । ଘଟଣାଟି ୨୦୧୯ ମସିହା ଜାନୁୟାରୀ ୨୨ ତାରିଖ ର । ସହିଦିନ ସଂନ୍ଧ୍ୟା ପ୍ରାୟ ୭ ଟା ସମୟରେ ଘଟିଥିଲା । ସେଦିନ ଦ୍ୱିତୀୟ ବିବାହ କୁ କେନ୍ଦ୍ର କରି କାହୁ ମାରାଣ୍ଡିଙ୍କର ତାଙ୍କ ସ୍ତ୍ରୀ ମଧ୍ୟରେ ବଚସା ଓ ପରେ ପରେ ଗଣ୍ଡଗୋଳ ହୋଇଥିଲା । ଏଥିରେ କାହୁ ହଠାତ ଉତ୍ୟକ୍ତ ହୋଇପଡିଥିଲା ଏବଂ ତାଙ୍କ ସ୍ତ୍ରୀ ୩୯ ବର୍ଷିୟା ମଞ୍ଜୁରୀ ମାରାଣ୍ଡି ଙ୍କର ଗଳା ଚିପି ହତ୍ୟା କରିଥିଲା । ଏହି ଘଟଣାକୁ ନେଇ ପରଦିନ ପଣ୍ଡାପଡା ଥାନାରେ ମୃତକ ର ମା' ଶ୍ରୀମତୀ ମହାରଣା ପଣ୍ଡାପଡା ଥାନାରେ ଏତଲା ଦେବା ପରେ ପୋଲିସ କେସ ନଂ ୭/୨୦୧୯ ରେ ୪୯୮ (କ), ୪୯୪,୩୦୨ ଆଇପିସିରେ ମାମଲା ରୁଜୁ କରିବା ସହ ଘଟଣା ସ୍ଥଳରେ ପହଂଚି ଘର ଭିତରୁ ମଞ୍ଜୁରୀ ମାରାଣ୍ଡିଙ୍କ ମୃତ ଦେହ ଉଦ୍ଧାର କରିଥିଲା । ପୋଲିସ ଅଭିଯୁକ୍ତ କାହୁ ମାରାଣ୍ଡି (୫୦) ଙ୍କୁ ୨୩/୦୧/୨୦୧୯ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୧୭ ଜଣ ସାକ୍ଷୀ ଓ ବୟାନ କୁ ଭିତି କରି ଓ ପୋଲିସ ରିପୋର୍ଟ କୁ ଆଧାର କରି ଆଜି କୋର୍ଟ କାହୁ ଙ୍କୁ ଆଜୀବନ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି । ଏବଂ ଜୋରିମାାନା ଅନାଦେୟ ଆଉ ୧ ବର୍ଷ ଅଧିକ ଜେଲ ଦଣ୍ଡ ଶୁଣାଇଛନ୍ତି । ଏହି ମାମଲା କୁ ପବ୍ଲିକ ପ୍ରୋସିକ୍ୟୁଟର ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ ।

ପ୍ରଫେଟ ବିରୋଧୀ ମନ୍ତବ୍ୟ, ଜାଳିଦେଲେ ବିଜେପି ଅଫିସ

କୋଲକାତା, ୧୦।୬(ପି.ଏନ): ତେଜୁଛି ପ୍ରଫେଟ ବିରୋଧୀ ମନ୍ତବ୍ୟ ବିବାଦ। ଆଜି ପଶ୍ଚିମବଙ୍ଗରେ ବିସ୍ଫୋରକ

ଟି ଟାଇମ୍

ଶହେ ବର୍ଷ ପରେ କନ୍ୟା ସନ୍ତାନ

ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

ଟର୍ମିନେଟର୍ ବ୍ୟକ୍ତି

ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟରରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବରରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

ପୁରାଣ କାହାଣୀ

ମୃଷାଙ୍କ ମନ୍ଦିର

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଏହି ସହର ରେ ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା ।

ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ

ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ଦୃଷ୍ଟିହୀନଙ୍କର ଆଶା ବାଡ଼ି



ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

ଥରକେ ୧୦୦

ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ' । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷାଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୂ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ରଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥିପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

ଅକ୍ଷୟ କୁମାର ରାଉତ, ପାରାଦ୍ୱୀପଗଡ, ମୋ: ୯୯୩୭୬୯୧୪୭୫

ଅଶୁଭ ମେ' ଅଣତିରିଶ

ଚାହୁଁ ଚାହୁଁ ଦଶବର୍ଷ ବିତି ଗଲାଣି । ସେଥର ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ବର୍ଷ ପରି ବିଦେଶ ଗସ୍ତରେ ଯାଇଥାଆନ୍ତି । ନିଜର ବ୍ୟକ୍ତିଗତ ସହାୟକ ପାଣ୍ଡିଆନଙ୍କ ସହିତ ସେ ଯାଇଥାଆନ୍ତି ଇଂଲଣ୍ଡ ଗସ୍ତ କରିବା ପାଇଁ । କ୍ଷମତାକୁ ଆସିଲା ପରେ (ମାର୍ଚ୍ଚ ୫, ୨୦୦୦) ତାହା ଥିଲା ତାଙ୍କର ପ୍ରଥମ ବିଦେଶ ଗସ୍ତ । ସେ କ'ଣ ଜାଣିଥିଲେ ତାଙ୍କର ଅନୁପସ୍ଥିତିର ସୁଯୋଗ ନେଇ ରାଜ୍ୟରେ ତାଙ୍କୁ ପଦଚ୍ୟୁତ କରିବାର ଏକ ପ୍ରୟାସ ହୋଇଯିବ ?

ଆଜି ବିଦେଶ ଗସ୍ତରେ ଦ୍ୱିତୀୟ ଥର ଯିବା ସମୟରେ ସେହି ଅଶୁଭ କାଳରାତ୍ରୀ ମେ' ୨୯, ୨୦୧୨ର କଥା ତାଙ୍କର ନିଶ୍ଚୟ ମନେପଡୁଥିବ। ନବୀନଙ୍କ କ୍ଷମତାକୁ ଆସିବାର ଦ୍ୱାଦଶ ବର୍ଷ ଚାଲିଥାଏ । ସେଦିନ ଭୁବନେଶ୍ୱରର ସଂଧ୍ୟା ସମୟ । ଭୀଷଣ ଗରମ ପଡିଥାଏ ଚଳିତ ବର୍ଷ ପରି । ସଂଜ ବେଳେ ଅସରାଏ ବର୍ଷା ହୋଇ ପାଗରେ ଶୀତଳତା ଭରିଦେଇଥାଏ । ହଠାତ ଗୁଜବ ପ୍ରଚାରିତ ହେଲା ଶହିଦନଗରରେ କିଛି ଗୋଟାଏ ଚାଲିଛି । ଅନେକ ବିଧାୟକ ଏ-୧୧୧ ଘରେ ରୁଣ୍ଡ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଉପ-ସଚେତକ ମୟୂରଭଞ୍ଜର ସାନନ୍ଦ ମାରଣ୍ଡି, ମନ୍ତ୍ରୀ ସାରଦା ନାୟକ, ସଞ୍ଜୀବ ସାହୁ ଓ ଅଞ୍ଜଳି ବେହେରା । କିଛି ବିଧାୟକ ମଧ୍ୟ ପାଖ ହୋଟେଲରେ ଅବସ୍ଥାନ କରୁଛନ୍ତି । ମାଡିଆସିଲେ ସାମ୍ବାଦିକ ଶହିଦନଗର ଆଡକୁ । ସେ ଘରେ ରହୁଥାଆନ୍ତି ପ୍ୟାରିମୋହନ ମହାପାତ୍ର ରାଜ୍ୟସଭା ସଦସ୍ୟ, ନବୀନଙ୍କ ପ୍ରିୟ ଓ ବିଶ୍ୱସ୍ତ ଅଙ୍କଲ, ରାଜ୍ୟର ଦ୍ୱିତୀୟ କ୍ଷମତାକେନ୍ଦ୍ର ।

ନବୀନଙ୍କ ପିତା ବିଜୁବାବୁଙ୍କ ବେଳେ ସେ ଥିଲେ ରାଜ୍ୟର ମୁଖ୍ୟ ଶାସନ ସଚିବ । ଅବସର ପରେ ବିଜୁବାବୁଙ୍କ ପରାମର୍ଶଦାତା ରହିଥିଲେ । ବିଜୁବାବୁଙ୍କ ମୃତ୍ୟୁ ପରେ ତାଙ୍କରି ପରାମର୍ଶରେ ବିଜେଡି ଦଳ ଗଠିତ ହେଲା । ସେ ହେଲେ ବିଜେଡିର ମାର୍ଗଦର୍ଶକ, ଚାଣକ୍ୟ । ତାଙ୍କରି ପରାମର୍ଶରେ ତୁଙ୍ଗ ବିଜେଡି ନେତା ବିଜୟ ମହାପାତ୍ରଙ୍କୁ ଦଳରୁ ବହିଷ୍କାର କରାଗଲା । ସଫଳତା ପରେ ସଫଳତା ସେ ନବୀନବାବୁଙ୍କୁ ଆଣିଦେଲେ । ସମସ୍ତ ବିଧାୟକଙ୍କୁ ସେ ହିଁ ଟିକେଟ ଦେଇ ମନୋନିତ କଲେ । ଅଧିକାଂଶ ବିଧାୟକ ତାଙ୍କର ଅନୁଗତ ଥିଲେ । ସବୁଆଡେ ତାଙ୍କର ଛବି ଲାଗିଲା । ତାଙ୍କ ସୁରକ୍ଷା ମୁଖ୍ୟମନ୍ତ୍ରୀଙ୍କ ସହ ସମାନ ଥିଲା । ତାଙ୍କର ଅସୁମାରୀ ଉଚ୍ଚାଭିଳାଷର ଟେର ନବୀନ ବୋଧେ ଜାଣିପାରିଲେ । ୨୦୧୨ ଜିଲ୍ଲା ପରିଷଦ ସଭାପତି ପଦ ପାଇଁ ସେ ନିଜେ ପ୍ରାର୍ଥୀ ଚୟନ କଲେ । ମାତ୍ର ଅଙ୍କଲଙ୍କ ଗୋଟିଚାଳନାରେ ଖୋର୍ଦ୍ଧା ଓ ରାୟଗଡାରେ ଦଳୀୟ ପ୍ରାର୍ଥୀ ପରାସ୍ତ ହେଲେ । ଏତିକିବେଳେ ଆଠଗଡ ଉପନିର୍ବାଚନ ହେଲା । ନବୀନବାବୁ ରଣେନ୍ଦ୍ର ସ୍ୱାଇଁଙ୍କୁ ଟିକେଟ ଦେଲେ, ଯାହା ପ୍ୟାରି ଚାହୁଁ ନ ଥିଲେ । ସେ ନିର୍ବାଚନ ପ୍ରଚାରରେ ଗଲେନାହିଁ । ନବୀନ ପ୍ୟାରିଙ୍କ ଶତ୍ରୁ ଦାମ ରାଉତଙ୍କୁ ଧରି ପ୍ରଚାର କଲେ । ରାଜା ସ୍ୱାଇଁ ଜିତିଲେ । ପ୍ୟାରି ମନେମନେ ଅସନ୍ତୁଷ୍ଟ ହେଲେ । ସେତେବେଳେ ବିଧାନସଭାରେ ୧୦୪ ଜଣ ବିଧାନ ସଭ୍ୟ ଥାଆନ୍ତି । ଅଧିକାଂଶ ଯେ ତାଙ୍କୁ ସମର୍ଥନ କରିବେ ସେ ବିଷୟରେ ପ୍ୟାରି ନିଶ୍ଚିନ୍ତ ହୋଇଥିଲେ ।

ସେ ଭୁଲିଗଲେ ଯେ, ଦେଉଳ ଯେତେ ବଡ ହେଲେ ବି ଦିଅଁ ହୋଇପାରେନା । ଅନେକ ବିଧାୟକ ରାତିରେ ଶହିଦନଗରରେ ପହଂଚିଲେ । ମନ୍ତ୍ରୀ ଅଞ୍ଜଳି ବେହେରା, ବିଧାୟକ ଶାରଦା ନାୟକ ମଧ୍ୟ ଥିଲେ । ରହସ୍ୟଜନକ ଭାବେ ଦୁଇଜଣ କଂଗ୍ରେସ ସଭ୍ୟ ଆସି ପଇଁତରା ମାରିବାର ଦେଖିବାକୁ ମିଳିଥିଲା । କଂଗ୍ରେସ ଦଳର ୨୭ ଜଣ ସଭ୍ୟ ଥାଆନ୍ତି । ସମୁଦାୟ ୪୦ ପାଖାପାଖି ବିଧାୟକ ଉପସ୍ଥିତ ହେଲେ । ଏ ଖବର ପ୍ରଚାରିତ ହେଲାପରେ ଅନୁଗତମାନେ ନବୀନ ନିବାସରେ ପହଂଚି ପ୍ୟାରିଙ୍କ ଉଦ୍ୟମ ପଣ୍ଡ କରିବାକୁ ଚେଷ୍ଟା କଲେ । ସମସ୍ତ ଚେଷ୍ଟା ସତ୍ତ୍ୱେ ରାତ୍ରୀ ୧୨ ସୁଦ୍ଧା ପ୍ୟାରି ଅନୁଭବ କଲେ ସେ ମାଜିକ ନମ୍ବରର ନିକଟବର୍ତୀ ହୋଇପାରିବେ ନାହିଁ । ଏକଥା ଜଣାପଡିବା ମାତ୍ରେ ବିଧାୟକମାନେ ନବୀନ ନିବାସ ଆଡେ ଧାଇଁ ନିଜ ଆନୁଗତ୍ୟ ଘୋଷଣା କଲେ । ନବୀନବାବୁ ବିଦେଶରୁ ଫେରିଆସି ଅବସ୍ଥା ସମ୍ଭାଳି ନେଲେ । ପ୍ୟାରିମୋହନ ମହାପାତ୍ରଙ୍କୁ ବେଇମାନ କହି ନବୀନ ତାଙ୍କୁ ଦଳରୁ ବହିଷ୍କାର କଲେ । କୌଣସି ବିଧାୟକ କି ବରିଷ୍ଠ ନେତା ତାଙ୍କୁ ସମର୍ଥନ କଲେନାହିଁ । ଆହତ ସିଂହ ଭଳି ସେ ବିଷ ଉଦ୍‌ଗାରି ତାଙ୍କ ନିକଟରେ ବ୍ରହ୍ମବାଣ ଅଛି ବୋଲି ଆସ୍ଫାଳନ କଲେ । ଲୋକମାନେ ଆଗ୍ରହରେ ଚାହିଁରହିଲେ ସେ ବ୍ରହ୍ମବାଣର ସ୍ୱରୂପ କ'ଣ ? ପ୍ରତିଶୋଧ ପାଇଁ ସେ ଜନମୋର୍ଚ୍ଚା ନାମକ ଏକ ସଂଗଠନ ତିଆରି କଲେ । ରୋଡ ସୋ' ମଧ୍ୟ ଜମିଲା । କିଛିଦିନ ପରେ ତାହା ମଧ୍ୟ ମଉଳିଗଲା । ହତାଶ ଓ ନିଷ୍ଫଳ କ୍ରୋଧ ଜର୍ଜରିତ ହୋଇ ସେ ଅସୁସ୍ଥ ହୋଇପଡିଲେ । କୌଣସି ବିଜେଡି ନେତା ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ ମଧ୍ୟ କଲେନି । ୨୦୧୭ ମସିହାରେ ତାଙ୍କର ମୃତ୍ୟୁ ଘଟିଲା ।

ଏହି ଘଟଣାରେ କାର୍ତିକ ପାଣ୍ଡିଆନଙ୍କ ଅଭ୍ୟୁଦୟ ଘଟିଲା । ଘଟଣାକ୍ରମେ ମେ' ୨୯ ତାଙ୍କର ଜନ୍ମଦିନ । ତାଙ୍କ ପରାମର୍ଶରେ ନବୀନ ସଫଳତା ପରେ ସଫଳତା ସାଉଁଟି ଶକ୍ତିଶାଳୀ ହେବାକୁ ଲାଗିଲେ । ୨୦୧୨ର ସେହି ଘଟଣାରେ ମଣିଷର ଜୀବନପଥରେ ଯେ ଭାଗ୍ୟର ଏକ ବଡ ଭୂମିକା ଅଛି ତାହା ପ୍ରମାଣିତ ହେଲା।

ଡାଃ ସୁରେନ୍ଦ୍ର ନାଥ ଦାଶ

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

ଖରିଆପଡା ବସ୍ତି ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୧୭ ନମ୍ବର ୱାର୍ଡର ଖରିଆପଡା ବସ୍ତି ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ରାଉରକେଲା ବିଧାନସଭା କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଉପରୋକ୍ତ ବସ୍ତି ଅଞ୍ଚଳ ବୁଲି ବସ୍ତିବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ରାଉରକେଲା ସହରର କେନ୍ଦ୍ର ସ୍ଥଳରେ ଥିବା ଏହି ସର୍ବପୁରାତନ ବସ୍ତି ଓ ମହାନଗର ନିଗମ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରତାରେ ଥିବା ଏହି ବସ୍ତି ଅବସ୍ଥିତ ହୋଇଥିଲେ ହେଁ ଦୀପ ତଳ ଅନ୍ଧାର ଭଳି ବସ୍ତି ଉପରେ ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡିବା ବିଡମ୍ବନାର ବିଷୟ ବୋଲି ଶ୍ରୀ ସେନାପତି ଏହି ଅବସରରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା ବେଳେ ପ୍ରକାଶ କରିଥିଲେ । ବସ୍ତିକୁ ପାଣି ପାଇପ୍ ଲାଇନ୍ ଯୋଗାଇ ଦିଆଯାଇଥିଲେହେଁ ଉକ୍ତ ପାଇପ୍‌ରେ ପାଣି ଠିକ୍ ଭାବେ ଆସୁନାହିଁ । କେତେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ଦିଆଯାଇଥିଲେ ହେଁ ସେଥିରୁ ଆଦୌ ପାଣି ବାହାରୁ ନାହିଁ । ବସ୍ତିର ନାଳିଗୁଡିକ ନିର୍ମାଣ ହୋଇଥିଲା ସେଥିରୁ ଅଧିକାଂଶ ଭୁଷୁଡି ପଡିଥିବା ବେଳେ ନାଳିଗୁଡିକର ସଫେଇ ମଧ୍ୟ ନିୟମିତ ବ୍ୟବଧାନରେ ହେଉନାହିଁ । ବସ୍ତିବାସୀ ନିଜ ନିଜ ଭିତରେ ଚାନ୍ଦା କରି ମଝିରେ ମଝିରେ ନାଳିଗୁଡିକ ସଫେଇ କରୁଛନ୍ତି । ନିର୍ମିତ ରାସ୍ତାଘାଟ ଅନେକ ସ୍ଥାନରେ ଭାଙ୍ଗିରୁଜି ଯାଇଥିଲେହେଁ ତାହା ଆବଶ୍ୟକୀୟ ମରାମତି ହେଉନାହିଁ । ସ୍ୱିରେଜ୍ ବୋର୍ଡ ଦ୍ୱାରା ବସ୍ତିର କେତେକ ଅଞ୍ଚଳରେ କଂକ୍ରିଟ୍ ରାସ୍ତା ଖୋଳି ସ୍ୱିରେଜ୍ ପାଇପ୍ ଲାଇନ ବିଛାଯିବା ପରେ ଉକ୍ତ ରାସ୍ତାର ପୁନଃ କଂକ୍ରିଟ୍ କରାଯାଇନାହିଁ, ଯାହାକି ସାମାନ୍ୟ ବର୍ଷାରେ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି । କେତେକ ସ୍ଥାନରେ ନାଳିଗୁଡିକରୁ ପାଣି ସଠିକ୍ ଭାବେ ନିଷ୍କାସିତ ହେଉନାହିଁ । ତେଣୁ ଏସବୁ ସମସ୍ୟାଗୁଡିକୁ ଶ୍ରୀ ସେନାପତି ବୁଲି ଦେଖିବା ସହିତ ଏ ସମ୍ପର୍କରେ ବସ୍ତିବାସୀଙ୍କ ସହ ବିଶଦ୍ ଆଲୋଚନା କରିଥିଲେ । ଖୁବ୍‌ଶୀଘ୍ର ମହାନଗର ନିଗମ କର୍ତ୍ତୃପକ୍ଷ, ଜନସ୍ୱାସ୍ଥ୍ୟ ବିଭାଗ ଓ ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବା ସହିତ ସମସ୍ୟାଗୁଡିକର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଏହି ଅବସରରେ ଶ୍ରୀ ସେନାପତି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ଏହି ଗସ୍ତ ସମୟରେ କଂଗ୍ରେସର ଉପସଭାପତି କୀର୍ତ୍ତନ ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ଜିଲ୍ଲା କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଉକ୍ତ ଅଞ୍ଚଳର ବାସିନ୍ଦା ଭାସ୍କର ଖିଲ୍ଲାର, ରତିକା' ମଲ୍ଲିକ, ସେବାଦଳର ବୁଲୁ ଦାସ, ଦିଲ୍ଲୀ ଖାଡିଆ, ମୁନ୍ନା ଲାକ୍ରା ପ୍ରମୁଖ ବସ୍ତିର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ ସେନାପତିଙ୍କୁ ଅବଗତ କରାଇଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ କୁହାଯାଇଛି ।

ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲା ଆଞ୍ଚଳିକ ବିକାଶ ପରିଷଦ

ଭୁବନେଶ୍ୱର (ପିଏନ୍): ବିଶ୍ୱ ପରିବେଶ ଦିବସ ସାରା ବିଶ୍ୱରେ ପାଳିତ ହେଉଥିବା ବେଳେ ଉଜୁଡ଼ି ଯାଉଥିବା ପରିବେଶକୁ ସଜାଡ଼ିବା ଏବଂ ତାହାକୁ ସୁସ୍ଥ ରଖିବା ପାଇଁ ଅଣ୍ଟା ଭିଡ଼ିଛି ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଆଞ୍ଚଳିକ ବିକାଶ ପରିଷଦ। ସଂଗଠନ ପକ୍ଷରୁ ଆୟୋଜନ କରାଯାଇଥିବା ପରିବେଶ ଦିବସରେ ଉଜୁଡ଼ି ଯାଉଥିବା ଏବଂ ଅସୁସ୍ଥ ପରିବେଶକୁ ନେଇ ଚିନ୍ତାପ୍ରକଟ କରିଥିଲେ। ପରିଷଦ ପକ୍ଷରୁ ଏକ ସଚେତନତା ରାଲି ନାଥପୁରଠାରୁ ଆରମ୍ଭ ହୋଇ ଗଙ୍ଗୁଆ ନଦୀବନ୍ଧ ପର୍ଯ୍ୟନ୍ତ ଯାଇଥିଲା। ସଂଗଠନର ସଦସ୍ୟ ଏବଂ ଛାତ୍ରଛାତ୍ରୀମାନେ ସଚେତନତାର ବାର୍ତ୍ତା ଥିବା ପ୍ଲାକାର୍ଡ଼ ଧରି ନୂଆଗାଁ ପେଟ୍ରୋଲ ଟାଙ୍କି ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଠିଆ ହୋଇ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହାପରେ ଗଙ୍ଗୁଆ ନଦୀବନ୍ଧ କଡ଼ରେ ବୃକ୍ଷରୋପଣ କରାଯାଇଥିଲା ଏବଂ ସେଠାରେ ପରିବେଶକୁ ନେଇ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ସ୍ଥାନୀୟ ନେତୃବୃନ୍ଦ ବିରଞ୍ଚି ନାରାୟଣ ମହାସୁପକାର, ସୁବାସ ସୁନ୍ଦର ରାୟ, କ୍ଷୀରୋଦ ପ୍ରଧାନ, ପ୍ରକାଶ ସାହୁ, ପରିବେଶବିତ୍ ସୁଶାନ୍ତ ସାହୁ, ପ୍ରକୃତିପ୍ରେମୀ ଦୀନବନ୍ଧୁ ଭୋଇ, ସଂଗଠନର କର୍ମକର୍ତ୍ତା ବୃନ୍ଦାବନ ସାହୁ, ଅକ୍ଷୟ ସ୍ୱାଇଁ, ଅରୁଣ ପୁରୋହିତ, ପ୍ରଶାନ୍ତ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ସାମ୍ବାଦିକ ଚନ୍ଦ୍ରକାନ୍ତ ନନ୍ଦ, ଗଗନ ଭୋଇ ଏବଂ ଅନ୍ୟମାନେ। ଏହି ଅବସରରେ ପ୍ରକୃତି ଓ ପରିବେଶ ସ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁନ୍ ୧୧

ବ୍ରହ୍ମ ଅନୁଭବର ସୋପାନ

ସବୁ ବିଷୟରେ ଅର୍ଥ ପାହାଚ। କୌଣସି ଆସିଲେ ଘର ବାହାରିଲେ ଓହ୍ଲାଇଲେ, ସୋପାନ ତନ୍ତ୍ରକୁ ଅନୁଧ୍ୟାନ ଭଲ ଅଛି ୨୨ଟି ପାହାଚ, ଚୈତନ୍ୟ ସମ୍ବନ୍ଧ ଶବ୍ଦ, ଆଗୋଚର ଛାର ମନୁଷ୍ୟ ନପାରନ୍ତି। ମହାସାଧକ ଶିବ ଏହି ପାହାଚ ସୋପାନରେ ଶେଷ ପର୍ଯ୍ୟନ୍ତ ଉଠିବାକୁ ସମର୍ଥ ପାଇଁ ସଦା ସାଧନାରତ। ତେବେ ମନୁଷ୍ୟ କ'ଣ କେବଳ ବିଳାସ ବ୍ୟସନ ଚାକିରୀ ରୋଜଗାର ପିଲା ଜନ୍ମ ପିଲାର ଲାଳନ ପାଳନ ଗୃହ ନିର୍ମାଣ ଗାଡ଼ି ଚଢ଼ାରେ ସମୟ ଦେଇ ଚାଲିବ କି? ସର୍ବତ୍ର ମୋହ ଗ୍ରାସ ରହିଛି। ଅଳିକ ଜୀବନରେ ସବୁ ସୁଖ ଭୋଗ ଯେ ଅଳିକ କେହି ଭାବିବା ଉପରେ ନାହାଁନ୍ତି।

ସୋପାନ ଅଛି। ସୋପାନ ବ୍ୟକ୍ତି ତାଙ୍କର ଘରକୁ ଯାନରେ ଉଠିଲେ ବା ଧରିବାକୁ ହିଁ ପଡୁଛି। ଏମିତି ଭାବରେ କଲେ ଏଥିରେ ଚିତ୍‌ରୁ ବିଷ୍ଣୁମାୟା ଚିତ୍, ବିଷ୍ଣୁମାୟା ଡଃ ବ୍ରହ୍ମାଙ୍କୁ ଏହାକୁ ଭେଦ କରି

ଦେବୀ ମାଆ ପାର୍ବତୀ ନିତ୍ୟ ରୋଷେଇଶାଳରେ ଦିବ୍ୟାନ୍ନ ପାକ କଲାବେଳେ ଦିବ୍ୟ ବିଷ୍ଣୁ ସହସ୍ର ନାମ ମୁଖରେ ଉଚ୍ଚାରଣ କରି ପାକ କାର୍ଯ୍ୟ କରୁଥିଲେ। ଗୋବିନ୍ଦ ଉଚ୍ଚାରଣ କରି ଗୋପୀମାନେ ନିତ୍ୟ ଧନ୍ଦା ଲିପ୍ତ ରହୁଥିଲେ। ବୃନ୍ଦାବନରେ ଏବେ ବି ପ୍ରଶ୍ନ ଉତ୍ତରରେ ଡକା-ହକାରେ ରାଧେ କୃଷ୍ଣ ବା କୃଷ୍ଣ ରାଧେ ଲାଗୁଛି। ଇସଲାମ ଧର୍ମର ଦୁଇ ବ୍ୟକ୍ତି ଭେଟ ହୋଇଗଲେ ସାଲାମ ଆଲ୍ଲେକୁମ୍ ଓ ଆଲ୍ଲୋକମ୍ ସାଲାମ ବାକ୍ୟ ଆରମ୍ଭରେ ସମ୍ଭାଷଣ କରୁଛନ୍ତି। ନାରଦ ସର୍ବତ୍ର ନାରାୟଣ ଉଚ୍ଚାରଣରେ ଓ ପକ୍ଷୀରାଜ ଗରୁଡ଼ ଭଗବାନଙ୍କୁ ବହନକରି ଗଲାବେଳେ ତାଙ୍କ ପକ୍ଷରୁ ସ୍ୱତଃ ବାହାରେ ନାରାୟଣମ୍ ତୁଭ୍ୟଂ ନମଃ। ହନୁମାନ ଜୟଶ୍ରୀରାମ କରି ଯାତ୍ରା ଆରମ୍ଭ ବା ଶେଷ କରନ୍ତି। ଶିଖମାନେ ସତ୍‌ଶ୍ରୀ ଅକାଳ ସମ୍ଭାଷଣରେ ଲଗାଉଛନ୍ତି। ନାଦ ବ୍ରହ୍ମ 'ଓଁ' ଅନେକ ମନ୍ତ୍ରରେ ଆଦ୍ୟ ପ୍ରୟୋଗ ପୁରୋହିତମାନେ କରୁଛନ୍ତି। ଶ୍ରୀଗଣେଶ ଉଚ୍ଚାରଣରେ କାର୍ଯ୍ୟାରମ୍ଭ କରାଯାଉଛି। ଶୈବମାନେ ଶିବ ପଞ୍ଚାକ୍ଷର ନମଃ ଶିବାୟ, ଗାୟତ୍ରୀ ଉପାସକମାନେ ଚବିଶ ଅକ୍ଷର ଗାୟନ କରି ଚାଲୁଛି। ନାରାୟଣ ତନୁତ୍ୟାଗେ ଲାଗୁଛି ମରଣ ସମୟ ବ୍ୟକ୍ତି ଆସିବା ବୋଧ ହେଲେ ନାରାୟଣ ଉଚ୍ଚାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ଆରମ୍ଭ କରିବାବେଳେ ନାରାୟଣ ଉଚ୍ଚାରଣ ପାଇଁ ବାକ୍ୟ ରହିଛି। ପ୍ରତି ବୈଷ୍ଣବ ସମ୍ପ୍ରଦାୟରେ ଗୁରୁଦତ୍ତମନ୍ତ୍ର ଗ୍ରହଣ ପରମ୍ପରା ଅଛି। ସେ ମନ୍ତ୍ର ହିଁ ତାରକ ମନ୍ତ୍ର ତାରକ ଅର୍ଥ ଯେ ତାରଣ କରେ। ସାଧକମାନଙ୍କର ମତ୍ତ ସାଧନ କ୍ରିୟାରେ ମତ୍ତ ପଛପଟୁ ଗୁରୁଙ୍କର ବୋଲି ରହୁଛି, ସର୍ବଂ ମିଥ୍ୟା ଜପଂ କରୁଃ। ତାରକ ମନ୍ତ୍ର ପ୍ରୟୋଗ ବେଳେ ଆସେ ବିଭିନ୍ନ ବିକାର ଭ୍ରାନ୍ତି, ଭ୍ରାନ୍ତି ଜପ ତପ ଭ୍ରଷ୍ଟ କରାଇପାରେ ଏ ପାଇଁ ଗୁରୁଙ୍କର ବୋଲି ଏକ ବଜ୍ରବାଣ ପରି ପୁଣି ରାସ୍ତାରେ ଜପ ତପକୁ ଆଗେଇ ନିଏ। ଭଗବାନଙ୍କର ସର୍ବନାମ। ଯେଉଁ ନାମରେ ଗୁରୁନାମ ଜଡ଼ିତ ତାହିଁ ବ୍ୟକ୍ତି ପାଇଁ ନିର୍ଦ୍ଦିଷ୍ଟ ତାରକମନ୍ତ୍ର ହେଲେ ବହୁ ଲୋକରେ ବାପାକୁ ପୁଅ ପାଉନାହିଁ ସେ ନିଶ୍ଚେ ଡାକିବ ବାପା ମୁଁ ଡାକୁଛି। ଏହି ଲୋକଗହଳି ଯେଉଁଠାରେ ଲାଗିବା ଦେଖାଯାଏ ତାହା ହାଟ ଯାତ୍ରାସ୍ଥଳୀ ଏଠାରେ ବାପ-ପୁଅ ବା ମାଆ-ପୁଅ ଅଲଗା ଅକସ୍ମାତ୍ ହୋଇ ଯାଇ ପରସ୍ପରକୁ ଡାକିବା ଯେମିତି ଦେଖାଯାଏ ସେମିତି ଭଗବାନ ଭକ୍ତ ଏମିତି ଡକାଡକି ସ୍ତର ଅଛି। ଏ ସଂସାର ବଡ଼ ହାଟ ଏଠାରେ ହଟଗୋଳ ଅନେକ। ଏକ ଈଶ୍ୱରଙ୍କ ଅନେକ ନାମ ଅନେକ ଲୀଳା, ଅନେକ ରୂପ, ତାଙ୍କର ଏହି ଲୀଳା ସହଚର ବି ଅନେକ। ଯେତେବେଳେ ଅରୂପ ରୂପ ନେବା ବୋଧ ହୁଏ ତେବେ ବେଳେ ସେ ଅନେକ ବିହ୍ନ ମଧ୍ୟରେ ଅବଶ୍ୟ ରହିବାକୁ ପଡ଼ିଥାଏ ତେବେ ଅରୂପ ସବୁ ଭାଷା ବୁଝନ୍ତି ସବୁଡ଼ାକ ଶୁଣନ୍ତି ସବୁ ଭାବ ଗ୍ରହଣ କରନ୍ତି। ତାଙ୍କୁ ଡାକିବା ପାଇଁ ଏଇ ମନୁଷ୍ୟ ଏକ ହରିହାଟ ସୃଷ୍ଟି କରିଥାନ୍ତି। ହାଟ ଲାଗିବା ଓ ହାଟ ଭାଙ୍ଗିବା ସମୟ ବଣିକ ଖାଉଟିଙ୍କ ପାଇଁ ଅଛି କିନ୍ତୁ ପ୍ରକୃତି ହରିହାଟ ଏମିତି ସମୟରେ ଆସେ ନାହିଁ। ତେବେ ମାନବୀୟ ସୁବିଧା ପାଇଁ ପର୍ବ ଦିନ, ଛୁଟିଦିନ ବା ସ୍ୱକୀୟ କିଛି ସ୍ମରଣୀୟ ଦିବସ ବଛାଯାଇ ଏକ ହରିହାଟ ବସାଯାଇପାରେ। ହରିହାଟରେ ଅଖଣ୍ଡ କୋଳାହଳମୟ ନାମ ଭଜନ କୀର୍ତ୍ତନ ଚାଲେ, ରାମକୃଷ୍ଣ, ଗଣେଶ, କାର୍ତ୍ତିକେୟ ଶିବ ଦୁର୍ଗା ପରି ନାମ ଏହି କୋଳାହଳରେ ଶୁଣାଯାଏ। ଯାହା ଏକାଗ୍ରଚିତ୍ତରେ ଶୁଣୁଥିବା ବା ଗାଉଥିବା ବ୍ୟକ୍ତିଙ୍କର କର୍ଣ୍ଣ ଓ ପାଟି ଦେବତା ନାମରେ ଅମୃତମୟ ହୋଇଯାଏ। ହାତ ତଳ ଦେଇ ଆହୁରି ନାମ ସେବାରେ ପବିତ୍ରୀକରଣ ହୋଇଯାଏ। ଯେଉଁ ସମୟ ଏହି ଦେବଧ୍ୱନୀରେ ଲାଗୁଛି ଏହି ସମୟ ମାନବୀୟ ସମୟ କେବେ ନୁହଁ ଏହା ଦୈବୀ ସମୟ, ଦୈବୀ ସମୟରେ ମାନବୀୟ ସମୟ ମାତ୍ର କେତେ ଭଗ୍ନ ଅଂଶ ମାତ୍ର। ସେ ସ୍ଥାନରେ ଶୁଦ୍ଧି ତ ହୁଏ, ହେଲେ ଶବ୍ଦର ନାଦ ସେ ସ୍ଥାନରୁ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ସେହି ସମୟରୁ ତରଙ୍ଗାୟିତ ହୋଇ ଚାରିପଟ ନୁହଁ ବୃତ୍ତ ସଦୃଶ ମେଖଳା ବନି ଆଗେଇ ଚାଲେ। ସ୍ଥାନଟି ମେରୁ ତତ୍‌କାଳ ବୋଧ ହୁଏ। ସାଇ ଭଜନରେ ସବୁ ଧର୍ମର ସବୁ ସମ୍ପ୍ରଦାୟର ଉପାସକଙ୍କର ନାମ ଧରାଯାଏ। ଏହା ପ୍ରକୃତରେ ସର୍ବଧର୍ମବାଦର ଉପାସନା, ଏଥିରେ କାହାକୁ ବୋଲିବାକୁ ଶୁଣିବାକୁ ବିଧି ନିଷେଧ ନାହିଁ। ଆମ ରାଜ୍ୟ ଜଗନ୍ନାଥଙ୍କ ବିଳାସ ଭୂମି। ଏଠାରେ ଦିଅଁଙ୍କ ରଥଯାତ୍ରାରେ ଏପରି କାହାକୁ ଦର୍ଶନ ବାରଣ ନାହିଁ। ଏକାଗ୍ରତା ପାଇଁ ଅନେକ ଉପାୟ ଅଛି ଯଥା ଏକ ପତ୍ନୀବ୍ରତ, ଏକ ସ୍ୱାମୀବ୍ରତ, ଏକ ଗୁରୁବ୍ରତ, ଏକ ବିଦ୍ୟାବ୍ରତ, ଏକ ମନ୍ତ୍ରବ୍ରତ ସେମିତି ଏକ ଧର୍ମବ୍ରତ ଏକ ଦିଅଁବ୍ରତ। ହେଲେ ଏ ସଂସାରେ କେବଳ ଚାଷ କରିବା, କେବଳ ଚାକିରୀ କରିବା, କେବଳ ପ୍ରଶାସକ ହେବା, କେବଳ ଆଦେଶ ଦେବା, ଏମିତି ଚଳେନାହିଁ। ଏଣୁ ଏକ ନିୟମରେ କିଛି ବଦଳାଇ ପୁଣି ତାକୁ ସୀମାରେ ରଖି ଯେ କେହି ସଂସାରରେ ଜୀବନ ନିର୍ବାହ କରିପାରନ୍ତି। ଚିଡ଼ା ପାଇଁ ଆତଙ୍କ। ସମସ୍ତଙ୍କର ଅଛି। ଚିତ୍ତରେ ଅନେକ ଭ୍ରାନ୍ତି ଆସେ, ଏକ ଦ୍ରବ୍ୟ ଏକ ଆହରଣ ପରେ ଅନ୍ୟ ଦ୍ରବ୍ୟ ଆହରଣ ପାଇଁ ବ୍ୟଗ୍ର ଭାବ ଆସୁଛି। ଏପରି ମୋହ ବଢ଼ି ବଢ଼ି ଚାଲୁଛି। ଏହି ସବୁରେ ଜଡ଼ିତ ରହିଲେ ଜନ୍ମର ମୂଳ ଉଦ୍ଦେଶ୍ୟ ଲୋକେ ଭୁଲି ଯାଆନ୍ତି। ଦିବ୍ୟଜ୍ଞାନ ଭାବନା ଉଭେଇ ଯିବା ଦ୍ୱାରା ଗୋବିନ୍ଦ ଭାବ ବିଲୁପ୍ତ ହୋଇଯାଏ। ହେଲେ ସେ ସମସ୍ତ ସମ୍ପତ୍ତିର ମାଲିକ ଏମିତି ସେ ସମସ୍ତଙ୍କର ପିତାମାତା ଦୁଃଖରେ ସେ ନିଶ୍ଚେ ଭାଗୁଆଳୀ। ହୃଦୟରେ ଚିନ୍ତା କେବଳ ଭଗବାନଙ୍କ ସବୁବେଳୋ ରହିବା ଅସମ୍ଭବ ବୋଧ ହୁଏ। ମାତ୍ର ସାଧନାରେ ଅନେକ ସିଦ୍ଧି ହୋଇପାରେ। ଦେଖନ୍ତୁ ଡ୍ରାଇଭର ଆଗକୁ ଚାହିଁଛନ୍ତି ପଛ ଗାଡ଼ିକୁ ପାର୍ଶ୍ୱ ଦେବାକୁ ଡାହାଣ ବାମପଟ ଆଇନାକୁ ଦେଖୁଛନ୍ତି ପଛଗାଡ଼ିର ସଙ୍କେତ ହର୍ଣ୍ଣ କାନରେ ଶୁଣୁଛନ୍ତି ଏଣେ ରାସ୍ତାର ବାଙ୍କ ଟାଙ୍କ ପାଇଁ ହେଣ୍ଡଲ ଚକ୍ରକୁ ଘୁରାଉ ରାସ୍ତାରେ ଯାନଗତିକୁ ରାସ୍ତାର ନିୟମରେ ଚଳାଉଛନ୍ତି। ଗୋଡ଼ରେ ବ୍ରେକ କ୍ଲଚ କାମ ବି ସମୟ ଅନୁସାରେ କରୁଛନ୍ତି। ଏହା ସବୁ ନିଶ୍ଚେ ସାଧନାଫଳ। ଏପରି ବିଦ୍ୟାର୍ଜନରେ ବିଭିନ୍ନ ବିଷୟରେ ଏକ ସାଙ୍ଗରେ ଜ୍ଞାନାର୍ଜନ କରିବା ପାଇଁ ମାଟ୍ରିକ ପର୍ଯ୍ୟନ୍ତ ଏମିତି ସାଧନା, ଗଭୀର ଚିନ୍ତା ଲଗାଇ କାର୍ଯ୍ୟ ହାସଲ ମନ ଦେଲେ ଯାଇ ସବୁ ହୋଇପାରେ। ଭଗବାନ ଏପରି ଯେ ମିଳିଗଲେ ଆଉ କିଛି ଦରକାର ପଡ଼ିବ ନାହିଁ ଏପରି ସାଧନା ପାଇଁ ସଂସାରୀ ଓ ସନ୍ୟାସୀ ଉଭୟଙ୍କ ପାଇଁ ପଥ ଅଛି। ଜଟିଳ ପଥରେ ସଂସାରୀ ଯାଇପାରିବେ ନାହିଁ। ଭଗବାନ ଚୈତନ୍ୟଙ୍କ ମାର୍ଗ କଳିରେ ନାମ ସଂକୀର୍ତ୍ତନ। ପରେ ରାଧାରମଣ ଦେବ, ରାମ ଦାସ ମହାରାଜ ଓ ପରେ ପରେ ନାମାଚାର୍ଯ୍ୟ ବାୟା ଏହି ନାମ ଜପ କୀର୍ତ୍ତନ ଧାରାରେ ଚମତ୍କାରମାନ ଦେଖାଇ ଅଛନ୍ତି। ସିଦ୍ଧି ଅନେକ ଭଗବାନଙ୍କ ନାମ ଭଜନ ଅର୍ଚ୍ଚନ କୀର୍ତ୍ତନ ଜଣାଣ ଏ ମଧ୍ୟରେ ଅନ୍ୟ ଏକ ଏକ। ଯଦି କେହି ଶାନ୍ତି ଚାହୁଁଛନ୍ତି। ଚିନ୍ତାରେ ଚିନ୍ତାମଣୀଙ୍କ ନାମ ସାମିଲ କରନ୍ତୁ, ଅନେକ ସିଦ୍ଧି ମନକୁ ମନ ଦେଖାଯିବ।

ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩

ସମସ୍ୟା ବଳୟରେ ଉପକୂଳବାସୀ !

ଶରତ କୁମାର ରାଉତ

ସମୁଦ୍ର, ନଦୀ, ନାଳ, ବନାନୀ ଘେରା ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିବିଧ ସମସ୍ୟାର ଗର୍ଭ ମଧ୍ୟରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ସଂଚାର, ଦାରିଦ୍ର୍ୟ, ବେକାରୀ ଆଦି ମୌଳିକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ୧୯୯୯ ର ପ୍ରଳୟଙ୍କରୀ ବାତ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏପରିକି କେବିକେ ବ୍ୟତୀତ ଅନ୍ୟ ୨୨ଟି ଜିଲ୍ଲା ମଧ୍ୟରେ ଏହି ଜିଲ୍ଲା ଲୋକଙ୍କର ମୌଳିକ ସମସ୍ୟା ସବୁଠୁ ଆଗରେ ରହିଛି। ବଙ୍ଗୋପସାଗର କୂଳବର୍ତ୍ତୀ ଏହି ଜିଲ୍ଲାର ଭୌଗୋଳିକ ଆୟତନ ୨୬୪୪ ବର୍ଗ କିଲୋମିଟର ଓ ଏହାର ଉପକୂଳବର୍ତ୍ତୀ ସୀମା ୪୮୦ କିଲୋମିଟର। ଏହି ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଅଧିକ। ଏହାର ଜଙ୍ଗଲ ପରିମାଣ ୧୯୯୩୯ ବର୍ଗ କିଲୋମିଟର ହୋଇଥିବା ବେଳେ ଚାଷ ଉପଯୋଗୀ ଜମି ପରିମାଣ ୧ଲକ୍ଷ ୮୨ ହଜାର ୧୮୪ହେକ୍ଟର ରହିଛି। ମୋଟ ୨୪୯ ଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୧୫୫୨ଟି ଗ୍ରାମ ରହିଛି ଏହି ଜିଲ୍ଲାରେ। ଗତ ମହାବାତ୍ୟାରେ କ୍ଷତିଗ୍ରସ୍ତ ତାଲିକାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବା ଜଗତସିଂହପୁର ଜିଲ୍ଲାର ପଛକୁ ରହିଥିଲା। ଶିଳ୍ପବିହୀନ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ପରଠାରୁ ସଂଘର୍ଷ କରିଆସୁଥିଲେ ହେଁ ସମୟ ଓ ପରିସ୍ଥିତି ଜିଲ୍ଲାବାସୀଙ୍କୁ ଭୋକ ଉପାସରେ ରହି ଜିଇଁବାକୁ ବାଧ୍ୟ କରିଚାଲିଛି।

ଏଠାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବହୁ ଅଧିକ ଥିଲାବେଳେ ନିଯୁକ୍ତି ହାର ସବୁଠୁ କମ୍ ରହିଛି। ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍‌ସେବା, ସଂଚାର ସେବା, ଯୋଗାଯୋଗ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ଏଠାରେ ଥିବା ବିଶ୍ୱ ବିଖ୍ୟାତ କଇଁଛ ଓ କୃମ୍ଭୀର ପ୍ରଜନନ କେନ୍ଦ୍ର ତଥା ଭିତରକନିକା ପ୍ରାଣୀ ଅଭୟାରଣ୍ୟ ଓ ସାମୁଦ୍ରିକ ଅଭୟାରଣ୍ୟର ଆବଶ୍ୟକୀୟ ଉନ୍ନତି ହୋଇ ପାରୁନାହିଁ। ପ୍ରାକୃତିକ ଦୃଶ୍ୟ ରାଜିରେ ଭରା ଅଭୟାରଣ୍ୟ, କମନୀୟ ସମୁଦ୍ର ବେଳାଭୂମି ଓ ସମୁଦ୍ର ତଟରେ ଯେଭଳି ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଛି, ତା'ର ଉପଯୁକ୍ତ ଉପଯୋଗ ହେଲେ ଜିଲ୍ଲାର ଆର୍ଥିକ ପ୍ରଗତି ସମ୍ଭବ ହୋଇପାରନ୍ତା।

ଜିଲ୍ଲାରେ ସରକାରୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀତା ଉପରେ ବ୍ୟାପକ ସମୀକ୍ଷା ହେଉନଥିବାରୁ ପ୍ରକୃତ ହିତାଧିକାରୀମାନେ ଉପକୃତ ହୋଇପାରୁନାହାଁନ୍ତି। ଯେଉଁଥିପାଇଁ ଜିଲ୍ଲାର ପ୍ରାୟ ୨ ଲକ୍ଷ ବେକାର ଶିକ୍ଷିତ ଯୁବକ/ଯୁବତୀ/ବ୍ୟକ୍ତି ଦେଶବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ୧୯୬୭ ଓ ୧୯୭୨ ସାମୁଦ୍ରିକ ମହାପ୍ଲାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା। ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରାଠାରୁ ପାରାଦୀପ ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ବନ୍ଧ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଆଜିଯାଏ ତାହା ସମ୍ଭବ ହୋଇପାରିନାହିଁ। ପ୍ରତି ମୁହୂର୍ତ୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳବର୍ତ୍ତୀ ଝାଉଁଜଙ୍ଗଲ। ୧୯୮୦ରେ ବରୁଣେଇ ନିକଟସ୍ଥ ଜଗରିଜୋରଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ଅତି ଶୀଘ୍ର ଏହି ପ୍ରକଳ୍ପ ବିଫଳ ହୋଇଥିଲା। ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଅଳ୍ପ କିଛିବର୍ଷ ପରେ ଏହି ପ୍ରକଳ୍ପ ମଧ୍ୟ ବିଫଳ ହୋଇଥିଲା। ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ପ୍ରକଳ୍ପର ବିଫଳତା ସଂପର୍କରେ କୌଣସି ସମୀକ୍ଷା ହୋଇନାହିଁ। ସଂପ୍ରତି ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି। ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ବହୁ ରାସ୍ତା କିଛିବର୍ଷ ତଳୁ ମରାମତି ହୋଇନାହିଁ। ୧୦ରୁ ଊର୍ଦ୍ଧ୍ୱ ନିର୍ମାଣାଧୀନ ନଦୀସେତୁ ଦୀର୍ଘବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯେଉଁଥିପାଇଁ ହଜାର ହଜାର ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସମୁଦ୍ର ତଟବର୍ତ୍ତୀ ଗାଁଗୁଡ଼ିକର ଅବସ୍ଥା ଭାରି ସାଂଘାତିକ। ଇତିମଧ୍ୟରେ ଅନେକ ଗାଁ ସମୁଦ୍ର ଓ ନଦୀର ମହାପ୍ଲାବନରେ ମିଳେଇ ଯାଇଛି। ସାତଭାୟା ଅଂଚଳର ଅଧିକାଂଶ ଗ୍ରାମ ସମୁଦ୍ରର ମହାପ୍ଲାବନରେ ଲୀନ ହୋଇଯାଇଥିବା ବେଳେ ବାକି ଥିବା ଗାଁଗୁଡ଼ିକ କେଉଁ ମୁହୂର୍ତ୍ତରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ, ତାହା ଭଗବାନଙ୍କୁ ଜଣା। ଲୁଣା ଘେରିବନ୍ଧ ଖୁବ୍ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣାପାଣି ଆସି ଭେଡ଼ା ଭିତରେ ପଶୁଛି ଓ ଅକାଳରେ ଫସଲ ହାନୀ ହେଉଛି। ସେହିପରି ବନ୍ୟା ଘେରିବନ୍ଧ ଅତି ଦୁର୍ବଳ ଯୋଗୁ ଲକ୍ଷ ଲକ୍ଷ ଲୋକେ ବନ୍ୟାପୀଡ଼ିତ ହୋଇଥା'ନ୍ତି ଓ ବେଳେବେଳେ ସର୍ବସ୍ୱାନ୍ତ ବି ହୁଅନ୍ତି। ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ ହୋଇଛି। କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରିକି କେନାଲ୍ ପାଣି ଯୋଗାଇଦିଆ ନ ଯାଇ ମଧ୍ୟ ପ୍ରଜାଙ୍କଠାରୁ ଜଳକର ଆଦାୟ କରାଯାଉଥିବା ଅଭିଯୋଗ ହୋଇଥାଏ। ବେଣାକନ୍ଦାଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରାୟ ୩୦ ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର କେତେକ ଅଂଚଳକୁ ମିଠା ଜଳ ଯୋଗାଇ ବର୍ଷତମାମ ଚାଷ କାର୍ଯ୍ୟକୁ ସହଜ କରାଯାଇପାରନ୍ତା।

ସେହିପରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଅବହେଳିତ ବିଶ୍ୱବିଖ୍ୟାତ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ହେନ୍ତାଳ ଜଙ୍ଗଲ, ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ବତୀଘର, ବ୍ରିଟିସ୍ ବାଣିଜ୍ୟର କୋଠାଘର ହୁକିଟେଲା ଓ ବରୁଣେଇ ଜଙ୍ଗଲ ଆଦିର ବିକାଶ ସ୍ୱପ୍ନ ହୋଇ ରହିଛି। ଏସବୁକୁ ଏଯାଏ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିପାରିନାହିଁ। କ୍ରମେ ଏହି ଜିଲ୍ଲା ଅବହେଳାର ଚରମ ସୀମାକୁ ଟପିଗଲାଣି। ଏଠାରେ ବହୁ ସ

ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

ସୁବ୍ରତ କୁମାର ମହାନ୍ତି

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।

ପ୍ରସ୍ତୁତି ପ୍ରଣାଳୀ :

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର

ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

ପ୍ରସ୍ତୁତ ସମୟର ସତର୍କତା :

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

ଜିଆଖତର ପ୍ରୟୋଗ :

 କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ

ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଳମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା

ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା

୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ

୩. ମିଶ୍ରିତ କୃଷି

୪. ଅଧିକ ଅମଳ କରିପାରୁଥିବା ବିହନ

୫. ନୂତନ ଯନ୍ତ୍ରପାତିର ପ୍ରୟୋଗ

୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା

ବିଜ୍ଞାନ ମିହିର ରାଉତ

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ । ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ

ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ । ହୋଇଥିଲା । କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୂତପୂର୍ବ ସଫଳତା ହାସଲ କରାଯାଇଥିଲା ।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି ।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।

ପୋଖରୀ ଚାଷ- ଫିଲିପାଇନ୍ସରେ ଟିଲାପିଆକୁ ଏକୁଳି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମିଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କୃଷିର ବ୍ୟିଶ, କ

ଭଲ ହୁଅ ଏବଂ ଭଲ ଦେଖ !

ଆମେ ସମସ୍ତେ କହୁ ଯେ ଭଲ ହେବା ଓ ଭଲ ଦେଖିବା କିନ୍ତୁ ଏହା ଏକ ଛଳନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମ୍ଭେମାନେ ଆମ୍ଭମାନଙ୍କ ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ପାଇଁ ଆଦର୍ଶର ପ୍ରେରଣା ସୃଷ୍ଟି କରିପାରିନାହୁଁ। ଭଗବାନଙ୍କ ନାମସ୍ମରଣ ଅର୍ଥ ଏକ ଉନ୍ନତ ନୈତିକ ଚେତନାର ବିକାଶ କରିବା ଆମର ଅନ୍ତର ଏହି ପ୍ରକାରେ ଦୀପ୍ତିରେ ସଦା ପ୍ରଜ୍ଜ୍ୱଳିତ ହୋଇ ରହିବା ଉଚିତ। ଆମେ ଜାଣୁ ଯେ ଆଲୋକ ଯେତେବେଳେ ଉଭେଇ ଯାଏ, ସେତେବେଳେ ଅନ୍ଧକାର ଘୋଟି ଆସେ। ଆମର ଦୃଷ୍ଟି ଯେତେବେଳେ ନିର୍ମଳ ହେବ ସେତେବେଳେ କେବଳ ଭଗବାନଙ୍କୁ ଆମେ ଦେଖିପାରିବା। ଅପରିଷ୍କୃତ ମନ କେବଳ ଖରାପ କଥା ହିଁ ଦେଖିବ।

ଯୁଧିଷ୍ଠିର ଥିଲେ ଧର୍ମପରାୟଣ ରାଜା। ସେହି ସମୟରେ ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ଦୁର୍ମତିସଂପନ୍ନ ବିଧର୍ମୀ ରାଜା। ଦିନେ ଭଗବାନ କୃଷ୍ଣ ତାଙ୍କ ପାଇଁ ଏକ ଖଳ ପ୍ରକୃତିର ଲୋକକୁ ଖୋଜି ଆଣିବାକୁ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ। ଯୁଧିଷ୍ଠିର ସବୁଆଡ଼େ ପରିଭ୍ରମଣ କରି ଗୋଟିଏ ହେଲେ ମନ୍ଦ ଲୋକ ନପାଇ କୃଷ୍ଣଙ୍କ ନିକଟକୁ ଫେରି ଆସିଲେ। ତା'ପରେ କୃଷ୍ଣ ତାଙ୍କ ନିକଟକୁ ଜଣେ ମାତ୍ର ଭଲ ଲୋକଙ୍କୁ ଆଣିବା ପାଇଁ ଅନାଚାରୀ ଦୁର୍ଯ୍ୟୋଧନଙ୍କୁ ଆଦେଶ ଦେଲେ। ସେ ଚାରିଆଡ଼େ ବୁଲିଲେ କିନ୍ତୁ ଜଣେହେଲେ ଭଲ ଲୋକ ତାଙ୍କ ଦୃଷ୍ଟିଗୋଚର ହେଲାନାହିଁ। ସେ କୃଷ୍ଣଙ୍କ ନିକଟକୁ ଫେରିଆସି ତାହା ଜଣାଇଲେ।

ଉପରୋକ୍ତ ଗଳ୍ପଟିରୁ ଆମେ ଏହି ଶିକ୍ଷାଲାଭ କରୁ ଯେ ଆମେ ଯଦି ନିଜେ ଭଲ ହେବା ତାହାହେଲେ ସମସ୍ତେ ଆମ ପ୍ରତି ଭଲ ହେବେ। କିନ୍ତୁ ଆମେ ଯଦି ନିଜେ ମନ୍ଦ ଆଚରଣ କରିବୁ ତାହାହେଲେ ସାରା ସଂସାର ଆମକୁ ଅସାର ବୋଲି ପ୍ରତିଭାତ ହେବ। ପ୍ରତ୍ୟେକ ଲୋକ କିଛିନା କିଛି ସୁଗୁଣର ଅଧିକାରୀ। ଆମେ ଯଦି ମନ୍ଦଗୁଣଗୁଡ଼ିକୁ ନିରୀକ୍ଷଣ କରିବାକୁ ଚାହୁଁ, ତେବେ ପ୍ରଥମେ ଆମେ ଆମ ଭିତରେ ତାହା ଆବିଷ୍କାର କରିବା ଉଚିତ। ଆମେ ଯଦି ଏପରି କରୁ ଧୀରେ ଧୀରେ ଆମ ଭିତରେ ଥିବା ଦୁର୍ଗୁଣଗୁଡ଼ିକ ଲୋପ ପାଇଯିବ। ଆମେ ଯଦି ଅନ୍ୟର ଦୋଷଗୁଡ଼ିକ ଖାଲି ବାଛିବସୁ ଏବଂ ନିଜର ଗୁଣଗାନ କରୁ ତେବେ ଆମର ଯାହା କିଛି ସୁଗୁଣ ଥିବ ତାହା ମଧ୍ୟ ଆମକୁ ଛାଡ଼ି ଚାଲିଯିବ। ତଦ୍ୱାରା ଦୁର୍ଗୁଣଗୁଡ଼ିକ ବଢ଼ି ଚାଲିବ। ଏ ସଂସାରରେ ବାସ କରୁଥିବା ଅନେକ ଲୋକଙ୍କ ଆମେ ନିନ୍ଦାଗାନ କରିଥାଉ, ତାଙ୍କୁ ସମାଲୋଚନା କରୁ, ତାଙ୍କର ଅନିଷ୍ଟ ଚିନ୍ତା କରୁ, ଏପରି ଆଚରଣ କରିବା ଦ୍ୱାରା ଆମର ମନ ଦିନକୁ ଦିନ ଦୂଷିତ ହୋଇଯାଏ। ତେଣୁ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାକୁ ହେଲେ ଅନ୍ୟର କେବଳ ଭଲଗୁଣଗୁଡ଼ିକ ଦେଖିବା ଉଚିତ। ସମସ୍ତଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଉଚିତ।

ଆମେ ଯଦି ଅନ୍ୟମାନଙ୍କର ସୁଗୁଣ ପ୍ରତି ଆକର୍ଷିତ ହେଉ, ତାହାହେଲେ ଆମେ ସେମାନଙ୍କ ହୃଦୟରେ ବିରାଜିତ ଥିବା ଈଶ୍ୱରଙ୍କୁ ଦେଖିପାରିବା, କାରଣ କେବଳ ଭଗବାନ ହେଉଛନ୍ତି ଉତ୍ତମ ଓ ଶ୍ରେଷ୍ଠ। ଅନ୍ୟମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରିପାରିଲେ ଆମେ ନିଜ ଭିତରେ ମଧ୍ୟ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିପାରିବା। ଆମେ ଯେତେ ସମୟ ପର୍ଯ୍ୟନ୍ତ ଅନ୍ୟକୁ ସମାଲୋଚନା କରୁଥିବା ସେତେବେଳ ପର୍ଯ୍ୟନ୍ତ ଆମେ ସେମାନଙ୍କ ଆତ୍ମାରେ ଥିବା ଈଶ୍ୱରଙ୍କୁ ଦର୍ଶନ କରିପାରିବା ନାହିଁ।

ରାଜକିଶୋର ମିଶ୍ର, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

ପରିବେଶ ପାଇଁ ଉତ୍ସର୍ଗୀକୃତ ଡ. ବିପିନ ମିଶ୍ର ଓ ତାଙ୍କ ପତ୍ନୀ

ଭୁବନେଶ୍ୱର (ପିଏନ୍) : ଜଣେ ଜଣଙ୍କ ପାଇଁ ପରିପୂରକ। ହେଲେ ଉଭୟ ପରିବେଶ ପାଇଁ ଉତ୍ସର୍ଗୀକୃତ। ଓଡ଼ିଶାର ଏପରି ଜଣେ ପ୍ରତିଷ୍ଠିତ ସ୍ୱାମୀ ଓ ସ୍ତ୍ରୀଙ୍କ ବ୍ୟକ୍ତିତ୍ୱ । ୧୯୮୯ ମସିହାରେ ଉଭୟ ବିବାହ କରିବା ପରେ ୧୯୯୦ମସିହା ପରଠୁ ସ୍ୱାମୀ ଓ ସ୍ତ୍ରୀ ଗଛ ଲଗାଇବା, ଗଛର ଯତ୍ନ ନେବା, ଲୋକଙ୍କୁ ପରିବେଶ ସମ୍ପର୍କରେ ସଚେତନ କରିବା ଓ ସାମୂହିକ ଭାବେ ବୃକ୍ଷରୋପଣ କରିବା ସହ ଏହାର ଯତ୍ନ ନେବାରେ ବ୍ରତ ଧାରଣ କରିଛନ୍ତି। ଯାହାଫଳରେ ଉଭୟ ରାଜ୍ୟ ସରକାରଙ୍କ ନିକଟରୁ ପରିବେଶ ସୁରକ୍ଷା ପାଇଁ ସମ୍ମାନ ହାସଲ କରିଛନ୍ତି। ସେ ହେଉଛନ୍ତି ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ଜାତୀୟ ସମ୍ପାଦକ ଡ. ବିପିନବିହାରୀ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ତଥା ସଂସ୍ଥାର ଜାତୀୟ ମହିଳା କମିଟିର ଅଧ୍ୟକ୍ଷ ଡ. ସୁକାନ୍ତି ମିଶ୍ର। ବିଶ୍ୱ ପରିବେଶ ଦିବସ ଅବସରରେ ଡ. ବିପିନବିହାରୀ ମିଶ୍ରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତି ବନ୍ଧୁ ସମ୍ମାନ ମିଳିଥିବା ବେଳେ ତାଙ୍କ ଧର୍ମପତ୍ନୀ ଡ. ସୁକାନ୍ତି ମିଶ୍ରଙ୍କୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଇଛି। ଯାହା ଆମ ରାଜ୍ୟରେ ସବୁ ସ୍ୱାମୀ ଓ ସ୍ତ୍ରୀଙ୍କ ପାଇଁ ଉଦାହରଣ ପାଲଟିଛି। ଉଭୟ ନିଜ ସଂସାର ରଥ ଗଡ଼ାଇବା ସହ ପ୍ରକୃତିକୁ ରକ୍ଷା କରିବା, ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ହଟାଇବା ପାଇଁ କାର୍ଯ୍ୟ କରୁଥିବାରୁ ଉଭୟ ପ୍ରଶଂସନୀୟ ପାଲଟିଛନ୍ତି। ଏହି ଅବସରରେ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ଓଡ଼ିଶା ରାଜ୍ୟ ସଭାପତି ଅଧିବକ୍ତା କିଶୋର ଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡ. ମିଶ୍ର କହିଥିଲେ ଯେ, ନିଷ୍ଠାପର ଭାବେ କାର୍ଯ୍ୟ କଲେ ବିଳମ୍ବ ହୋଇପାରେ ହେଲେ ସଫଳତା ନିଶ୍ଚିତ ମିଳିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଇଂ. ବିପିନ ବିହାରୀ ନାୟକ, ଗୋଲକ ବିହାରୀ ସିଂ, ବିରଜା ମିଶ୍ର, ବାଳକୃଷ୍ଣ ରାଉତ, ସୁବାଷ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ।

ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀ ପକ୍ଷରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା (ପିଏନ୍): ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀ ପକ୍ଷରୁ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଏକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ବରିଷ୍ଠ ପୋଲିସ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରି କେନ୍ଦ୍ରାପଡାର କ୍ରୀଡାବିତଙ୍କ ଉତ୍ତରୋତ୍ତର ଉନ୍ନତି ଓ ଶିବିରର ସଫଳତା କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସୟଦ ଇମତିୟାଜ ଅଲ୍ଲୀ ଯୋଗଦେଇ ଯୁବ କ୍ରୀଡାବିତ୍‌ମାନେ ସଫଳତାର ସହ ପ୍ରଶିକ୍ଷଣ ନେଇ ଭବିଷ୍ୟତରେ ଜଣେ ଜଣେ ସଫଳ କ୍ରୀଡାବିତ ଭାବେ ଆମ ଅଞ୍ଚଳ ତଥା ଜିଲ୍ଲାର ସୁନାମ ଆଣିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ ଅସଲାମ, ମୀର ଅମିରୁଦ୍ଦିନ, ନସିରୁଦ୍ଦିନ, କଲିମ ଖାନ, ଟେନିସବଲ କ୍ରିକେଟ ଆସୋସିଏସନର ସମ୍ପାଦକ ଜ୍ୟୋତିର୍ମୟ ଦାସ, କ୍ରୀଡା ପ୍ରଶିକ୍ଷକ ଦେବେନ୍ଦ୍ର ସାହୁ, ସଶ୍ମିତା ପଣ୍ଡା, ମନୋଜ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୯ଦିନ ଧରି ଚାଲିବାକୁ ଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ୫୦ଜଣ କ୍ରୀଡାବିତ ଯୋଗଦେଇଥିବା ବେଳେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ମୁଖ୍ୟ କୋଚ ସେକ ସୌକତ ଖାନ୍, ସେକ ଆବାସ, ବଦ୍ରୀନାରାୟଣ ପତି ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ କ୍ରୀଡାର ଭିନ୍ନ ଭିନ୍ନ କୌଶଳ ଓ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ କ୍ରୀଡାବିତମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ମିଳିଛି।

ଯୁବକଙ୍କ ଆତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମ କାଚରାସାହିର ଜଣେ ଯୁବକ ନିର୍ମାଣାଧିନ ପାଣି ଟାଙ୍କିରେ ବେକରେ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ କାଚରାସାହିର ଶ୍ରୀଧର କୁଣ୍ଡୁଙ୍କ ପୁତ୍ର ଜଗବନ୍ଧୁ କୁଣ୍ଡୁ (୨୭) ସ୍ଥାନୀୟ ଅଂଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ତେବେ ଯୁବତୀଙ୍କ ବିବାହ ଅନ୍ୟତ୍ର ସ୍ଥିର ହେବାରୁ ଯୁବକଜଣକ ଏଥିରେ ମ୍ରିୟମାଣ ହୋଇ ବୁଧବାର ରାତିରେ ଗ୍ରାମନିକଟସ୍ଥ ନିର୍ମାଣାଧିନ ପାଣିଟାଙ୍କିରେ ବେକରେ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ଗତକାଲି ସକାଳେ ଜଣାପଡିଥିଲା। ଖବର ପାଇ ଜେନାପୁର ପୋଲିସ ସେଠାରେ ପହଂଚି ତଦନ୍ତ କରିବା ସହ ୧୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ଦାନଗଦୀ ମେଡିକାଲକୁ ପଠାଇଛି।

ଜିଏସ୍‌ଟି କାର୍ଯ୍ୟାଳୟ ଗୃହ ନିର୍ମାଣ ହେଉନି: ଲକ୍ଷ ଲକ୍ଷ ଟଙ୍କା ଭଡା ଗଣୁଛି ବିଭାଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରେ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇ ଟେଣ୍ଡର ହୋଇସାରିଥିଲେ ମଧ୍ୟ ସଂପୃକ୍ତ ଠିକାଦାରଙ୍କ ଅପାରଗତା ଓ ପୂର୍ତ୍ତ ବିଭାଗର ନିଷ୍କ୍ରିୟତାରୁ ପ୍ରାୟ ଦୁଇବର୍ଷ ହେବ ଏହି କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରୁ ନାହିଁ । ୧ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଳୟର ନୂତନ ଗୃହ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଛକ ସନ୍ନିକଟ ରଣପଡାଠାରେ ତିଆରି ହେବାପାଇଁ ନିଷ୍ପତି ହୋଇଅଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଡିସିମିଲ ଜମି ରଣପଡାଠାରେ ଯୋଗାଇ ଦେବା ପରେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିବାରୁ ତିନିମୁହାଣୀରେ ଏକ ଘରୋଇ କୋଠାର ଉପର ମହଲାରେ ଜିଏସ୍‌ଟି କାର୍ଯ୍ୟାଳୟ ପାଇଁ ବର୍ଷକୁ ପ୍ରାୟ ଲକ୍ଷାଧିକ ଟଙ୍କା ଘରଭଡା ବାବଦରେ ଦିଆଯାଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଟ୍ୟାକ୍ସ ଆଇନଜୀବିମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ ଏଥିନେଇ କୌଣସି ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ସରକାର ଏହି କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ପୂର୍ତ୍ତବିଭାଗକୁ ଅନୁଦାନ ପ୍ରଦାନ କରି ଥିବାବେଳେ ପୂର୍ତ୍ତ ବିଭାଗ କାହିଁକି ଚୁପ ହୋଇ ବସିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ପୂର୍ତ୍ତ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ଧର୍ମଶାଳାରେ ୨୨ ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ !

ଧର୍ମଶାଳା (ପିଏନ୍): ଦ୍ୱିତୀୟ ପର୍ଯ୍ୟାୟରେ ଧର୍ମଶାଳା ବ୍ଲକର ୨୨ଟି ରୂପାନ୍ତରିତ ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବ । ଏଥିମଧ୍ୟରୁ କେତେକ ହାଇସ୍କୁଲରେ କାମ ସଂପୂର୍ଣ୍ଣ ହୋଇନାହିଁ । ଆଉ ଯେଉଁଠି ସରିଛି ବୋଲି କୁହାଯାଉଛି ସେଠାରେ ଅତି ତରବରିଆ ଭାବେ ଦିନରାତି କାମ ଚାଲିଛି । ପ୍ରକୃତରେ କାମ ସରିଛି କି ନସରିଛି, ଏସବୁ ଯାଞ୍ଚ କରିବାକୁ କେହି ନାହାଁନ୍ତି । ଭିଡ଼ିଓ କନ୍‌ଫରେନ୍ସିଂରେ ଲୋକାର୍ପିତ ହେବାକୁ ଥିବାରୁ କାମ ଶେଷ ହେବା ନେଇ କାହାର ବ୍ୟସ୍ତତା ମଧ୍ୟ ନାହିଁ । କେତେକ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ଉଠିଛି । ବିଭିନ୍ନ ସାମଗ୍ରୀ କିଣାବିକାରେ ବଡ଼ ଧରଣର କିକ୍‌ବ୍ୟାକ୍ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏହିଭଳି ପୁଳା ପୁଳା ସମସ୍ୟା ଓ ଅସୁବିଧା ମଧ୍ୟରେ ଅସମ୍ପୂର୍ଣ୍ଣ ରୂପାନ୍ତରିତ ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରିବାକୁ ସରକାରୀ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି ହୋଇଛି । ପ୍ରକାଶ ଯେ, ପ୍ରଥମ ପର୍ଯ୍ୟାୟରେ ଧର୍ମଶାଳା ବ୍ଲକ୍‌ର ୬ଟି ହାଇସ୍କୁଲ ରୂପାନ୍ତରିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୫ଟି ହାଇସ୍କୁଲ ରୂପାନ୍ତରଣ କରାଯାଇଥିଲା । ତା'ପରେ ୨୨ଟି ରୂପାନ୍ତରିତ ହାଇସ୍କୁଲ୍ ଲୋକାର୍ପଣ ହେଉଥିବା ବେଳେ ୩ଟି ହାଇସ୍କୁଲର କାମ ସରିନଥିବାରୁ ଲୋକାର୍ପିତ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି । ପୂର୍ବରୁ ରୂପାନ୍ତରିତ ହୋଇଥିବା ଧର୍ମଶାଳା ବାଣୀପୀଠ, କଣ୍ଟିଗଡ଼ିଆର ମଧୁକେଶ୍ୱର ହାଇସ୍କୁଲ, ନେଉଳପୁରର ନୀଳସୁନ୍ଦର ହାଇସ୍କୁଲ, ଅଣ୍ଟିଆର ହିଙ୍ଗୁଳା ହାଇସ୍କୁଲ, କୋତପୁରର ଜାଗୁଳାଇ ହାଇସ୍କୁଲ ଓ ଜେନାପୁର ହାଇସ୍କୁଲ ଲୋକାର୍ପିତ ହୋଇଛି । ଏବେ ରୂପାନ୍ତରିତ ହୋଇଥିବା କବାଟବନ୍ଧ ହାଇସ୍କୁଲ, ରେଖିଦେଇପୁରର ପଞ୍ଚାୟତ ହାଇସ୍କୁଲ, ବଳରାମପୁର ହାଇସ୍କୁଲ, ଅଇରାର ବାଘୁଆ ବ୍ରାହ୍ମଣୀଦେବୀ ହାଇସ୍କୁଲ, ବିଛାଖଣ୍ଡିର ପଞ୍ଚାୟତ ହାଇସ୍କୁଲ, ବାଟିଯୋଡ଼ାର ସ୍ୱପ୍ନେଶ୍ୱର ହାଇସ୍କୁଲ, କୁରିକଣାର ମା' ସିନ୍ଦୁରେଇ ହାଇସ୍କୁଲ, ଆରୁହା ହାଇସ୍କୁଲ, ମୁରାରୀପୁରର ଗୋପାଳ ଜୀଉ ହାଇସ୍କୁଲ, ଗଙ୍ଗାଧରପୁରର ପତିତପାବନ ହାଇସ୍କୁଲ, ତରିଆର ଲକ୍ଷ୍ମୀନାରାୟଣ ହାଇସ୍କୁଲ, କ୍ଷେତ୍ରପାଳର ସିଦ୍ଧନାରାୟଣ ନୋଡ଼ାଲ୍ ହାଇସ୍କୁଲ, କାଏମାର ଲାଲ୍ ବାହାଦୁର ହାଇସ୍କୁଲ, ଅଚ୍ୟୁତପୁରର ଦାମୋଦର ବିଦ୍ୟାପୀଠ, ମିର୍ଜାପୁରର ଶ୍ୟାମସୁନ୍ଦର ହାଇସ୍କୁଲ, ସୁନ୍ଦରିଆ ନେଡ଼ାଲ୍ ସ୍କୁଲ, ଜାରକା ହାଇସ୍କୁଲ, ଉତରଶାସନର ଅମରେଶ୍ୱରୀ ହାଇସ୍କୁଲ, ପଟୁଣିଆର ଉଦୟବଟ ହାଇସ୍କୁଲ, ଅରେଇକଣାର ପଞ୍ଚାୟତ ହାଇସ୍କୁଲ ଓ ନହଙ୍ଗାପାଟଣାର ୟୁଜିପିଏଲ୍‌ଏନ୍ ହାଇସ୍କୁଲ ଲୋକାର୍ପିତ ହେବ । ତେବେ କାମ ଶେଷ ହୋଇନଥିବାରୁ ମଧୁପୁରଗଡ଼ ହାଇସ୍କୁଲ, ଦେଓଦାର ବଳଦେବ ଜୀଉ ହାଇସ୍କୁଲ ଓ ବଡ଼ବାରିସାହିର ଜଗାବଳିଆ ହାଇସ୍କୁଲ ଲୋକାର୍ପିତ ହେବନାହିଁ ବୋଲି କୁହାଯାଇଛି । ୫-ଟି ଅଧୀନରେ ଥିବା ପ୍ରତି ହାଇସ୍କୁଲଗୁଡ଼ିକର ରୂପାନ୍ତରିକରଣ ନିମନ୍ତେ ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ତେବେ ନିମ୍ନମାନର କାମ ଓ ସାମଗ୍ରୀ କିଣାଯାଇ ବହୁ ସରକାରୀ ଅର୍ଥ ହଡ଼ପ କରାଯାଉଥିବା ଅଭିଯୋଗ ଉଠିଛି । ଅଧିକାଂଶ ରୂପାନ୍ତରିତ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି । ୫-ଟି ସଚିବ ଓ ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁରର ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ଆଗାମୀ ରଥଯାତ୍ରା ପାଇଁ ଉପଜିଲ୍ଲାପାଳଙ୍କ ସଭାଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆନନ୍ଦପୁର ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ତହସିଲଦାର ତପନ କୁମାର ନାୟକ, ଏସ୍‌ଡିପିଓ ଅନିଲ କୁମାର ବେଉରୀଆ, ଅଗ୍ନିଶମ ବିଭାଗୀୟ ଅଧିକାରୀ ପ୍ରତାପ କୁମାର ସିଂ, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ଉପନଗରପାଳ ଦୁର୍ଗାଚରଣ ଦଳେଇ, ଆନନ୍ଦପୁର ଥାନା ଆଇଆଇସି ମନୋରନ ପ୍ରଧାନ, ଘଷିପୁରା ଆଇଆଇସି ଶ୍ୟାମଘନ ବେହେରା, ଆନନ୍ଦପୁର ବିଦ୍ୟୁତ୍ ବିଭାଗ ଏସଡିଓ ପ୍ରତାପ କୁମାର ବେହେରାଙ୍କ ଉପସ୍ଥିତିରେ ହେବାକୁ ଥିବା ଚଳିତ ବର୍ଷ ମହାପ୍ରଭୁ ଦଧିବାମନଜୀଉଙ୍କ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଆସନ୍ତା ଜୁଲାଇ ୧ ତାରିଖ ଏବଂ ବାହୁଡା ଯାତ୍ରା ୯ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି । କୋଭିଡ୍ କଟକଣା ପାଇଁ ବିଗତ ୨ ବର୍ଷ ହେଲା ରଥଯାତ୍ରା ବନ୍ଦ ରହିଥିବାରୁ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ସ୍ୱାସ୍ଥ୍ୟ, ପାନୀୟ ଜଳ, ଅଗ୍ନି ସେନାବାହିନୀଙ୍କ ଦ୍ୱାରା ଜଳ ସିଞ୍ଚନ ପ୍ରଭୃତି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶାନ୍ତି ଶୃଙ୍ଖଳାର ସହିତ ରଥଯାତ୍ରାକୁ ଶେଷ କରିବା ନିମନ୍ତେ ଆନନ୍ଦପୁର ଉପଜିଲ୍ଲାପାଳ ବିଭିନ୍ନ ସ୍କୁଲ, କଲେଜ ଓ ସ୍ୱେଚ୍ଛାସେବୀ ସଂଗଠନର ଭଲେଣ୍ଟିୟର୍ସମାନେ ଯୋଗ ଦେବାକୁ ପ୍ରସ୍ତାବ ଦେଇ

ଭୁବନେଶ୍ୱର ଠାରେ ଏଲକେଏମ ସେଣ୍ଟର ଓ ଲାଇବ୍ରେରୀର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ):ଭୁବନେଶ୍ୱର ୧୬ ସତ୍ୟନଗର ଠାରେ ଓଡ଼ିଶାର ସୁପ୍ରସିଦ୍ଧ ନୃତତ୍ତ୍ୱବିତ୍ ସ୍ୱର୍ଗତ ପ୍ରଫେସର ଲକ୍ଷ୍ମଣ ମହାପାତ୍ରଙ୍କ ସ୍ମୃତିରେ ପ୍ରତିଷ୍ଠିତ ଏଲ.କେ.ଏମ ସେଣ୍ଟର ଏବଂ ଲାଇବ୍ରେରୀ ପ୍ରଫେସର ମହାପାତ୍ରଙ୍କ ବ୍ୟକ୍ତିତ୍ୱ, ଉଚ୍‌ଚ୍ ଶିକ୍ଷା, ଗବେଷଣା ଏବଂ ବିଚାରକୁ ପୁର୍ନଜୀବିତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଫେସର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ଜଣେ ସୁପ୍ରସିଦ୍ଧ ଓ ଲବ୍ଧ ପ୍ରତିଷ୍ଠିତ ନୃତତ୍ତ୍ୱବିତ ହେଉଛନ୍ତି ପ୍ରଫେସର ଲକ୍ଷ୍ମଣ ମହାପାତ୍ର । ତାଙ୍କର କାର୍ଯ୍ୟକାଳରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ଥ୍ରୋପୋଲୋଜି ବିଭାଗରେ ସର୍ବାଙ୍ଗୀନ ଉନ୍ନତି ହୋଇପାରିଥିଲା । ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଏମକେଏମ ପାଠାଗାର ଲୋକାର୍ପଣ କରିବା ମୋ ପାଇଁ ସୌଭାଗ୍ୟର ଦିନ । ଓଡ଼ିଶାରେ ସମାଜ ବିଜ୍ଞାନର ଛାତ୍ରଛାତ୍ରୀ ଓ ନୃତତ୍ତ୍ୱ ବିଜ୍ଞାନ ବିଭାଗର ଗବେଷକମାନେ ଏହି ପାଠାଗାରର ସୁବିଧା ନେଇପାରିବେ ।ପ୍ରଫେସର ମହାପାତ୍ରଙ୍କ ଭଳି ଜଣେ ସୁନାମ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ଏଲ.କେ.ଏମ ସେଣ୍ଟର ଓ ଲାଇବ୍ରେରୀ ପ୍ରତିଷ୍ଠା କରିଥିବାରୁ ଟ୍ରଷ୍ଟ ଏବଂ ସ୍ୱର୍ଗତ ମହାପାତ୍ରଙ୍କ ପରିବାର ବର୍ଗକୁ ଶ୍ରୀ ପ୍ରଧାନ ସାଧୁବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଗୋଟିଏ ବିଷୟର ଅନ୍ତିମ ଭାଗକୁ ଯିବା ହି ଆନ୍ଥ୍ରୋପୋଲୋଜିର ବିଚାର । ଏହି ଦୃଷ୍ଟିରୁ ଉଚ୍‌ଚ୍ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ପ୍ରଫେସର ମହାପାତ୍ରଙ୍କ କୃତିତ୍ୱ ଥିଲା ଅସାଧାରଣ । ପ୍ରଫେସର ମହାପାତ୍ର ଜଣେ ବୈଶ୍ୱିକ ବ୍ୟକ୍ତିତ୍ୱ ଥିଲେ । ଜାତୀୟ ଶିକ୍ଷା ନୀତିରେ ଇଣ୍ଟର ଡ଼ିସିପ୍ଲିନାରୀ ୟୁନିଭରସିଟିର ଯେଉଁ କଳ୍ପନା ରହିଛି, ତାହାକୁ ସ୍ୱର୍ଗତ ମହାପାତ୍ର ୪୦ ବର୍ଷ ତଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିବା ସମୟରେ କ୍ରିୟାନ୍ୱୟନ କରିଥିଲେ । ଓଡ଼ିଆ, ଭୂଗୋଳ, ଇତିହାସ, ନୃତତ୍ତ୍ୱ ବିଜ୍ଞାନ ବିଭାଗକୁ ଏକାଠୀ କରି ଗବେଷଣା ନିମନ୍ତେ ସାଉଥ୍ ଇଷ୍ଟ ଏସିଆନ ଷ୍ଟଡ଼ିଜ୍ ଆରମ୍ଭ କରିଥିଲେ ।ତାଙ୍କର ବ୍ୟକ୍ତିତ୍ୱ, ଗବେଷଣା ଏବଂ ବିଚାରକୁ ଏକବିଂଶ ଶତାବ୍ଦୀରେ ପୁଣି ଥରେ ପୁର୍ନଜୀବିତ କରିବାର ସମୟ ଆସିଛି । ଏହି ଏଲ.କେ.ଏମ ସେଣ୍ଟରକୁ ଇଣ୍ଡିଆନ କାଉଲସିଲ ଅଫ୍ ସୋସିଆଲ ସାଇନ୍ସ ରିସର୍ଚ୍ଚ ସହ ଯୋଡ଼ିବା ପାଇଁ ଯୋଜନା କରାଯିବ । ସର୍ବଭାରତୀୟ ଢ଼ାଞ୍ଚାରେ ଏହାକୁ ଉପରକୁ ନେବାକୁ ହେବ । ଆଗାମୀ ଦିନରେ ଏଲ.କେ.ଏମ ଲାଇବ୍ରେରୀ ଭାରତବର୍ଷର ଅଗ୍ରଣୀ ସମାଜ ବିଜ୍ଞାନ ଭିତ୍ତିକ ଲାଇବ୍ରେରୀ ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।ଆମ ଓଡ଼ିଶାରେ ଗୋଟିଏ ପରମ୍ପରା ଅଛି । ତାହା ହେଉଛି ନିଜ ପାଇଁ ନୁହେଁ ବରଂ ଜାତି ପାଇଁ କିଛି କରିବା ଦରକାର । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ବନ୍ୟା ସମୟରେ ଅସହାୟଙ୍କୁ ରିଲିଫ ଦେବା ପାଇଁ ଆଗେଇ ଆସିଥିଲେ । କଟକର ବାଇମୁଣ୍ଡି ମଧ୍ୟ ଏଭଳି ଜଣେ ବ୍ୟକ୍ତିବିଶେଷ ଥିଲେ । ଓଡ଼ିଶାରେ ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥୀ ପଟ୍ଟନାୟକ ବା ଦାସିଆ ଅଜା ରାଜ୍ୟ ଓ ଦେଶବାସୀଙ୍କ ପାଇଁ ସମର୍ପିତ ଥିଲେ । ଏହା ହିଁ ଓଡ଼ିଆ ସମାଜର ମୂଳ ଚ଼ରିତ୍ର । ସେହିପରି ସଂଗଠନମାନେ ହେଉଛନ୍ତି ଲିଭିଂ ଏନଟିଟି । ବିଭିନ୍ନ ସମସ୍ୟାକୁ ସାମାନା କରି ବିଚାରକୁ ଏକବିଂଶ ଶତାବ୍ଦୀରେ ନୂଆପିଢ଼ିଙ୍କ ପାଖରେ ପହଞ୍ଚାଇବାର ସଂଗଠନର ଅନନ୍ୟ ପ୍ରୟାସ ପ୍ରଶଂସନୀୟ ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରଫେସର ଏଲ.କେ ମହାପାତ୍ରଙ୍କ ସୁପୁତ୍ର ସୁଜିତ୍ ମହାପାତ୍ର ଓ ସୁକନ୍ୟା ଶୀଲା ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବକୁଳ ଲାଇବ୍ରେରୀ ପରିଦର୍ଶନ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବକୁଳ ବନ ବିଦ୍ୟାଳୟରୁ ପ୍ରେରିତ ବକୁଳ ଫାଉଣ୍ଡେସନ ପାଠାଗାର ସମାଜକୁ ଜାଗ୍ରତ କରିବାର ଅନନ୍ୟ ପରମ୍ପରାକୁ ଆଧୁନିକ ସମୟରେ ଆଗକୁ ନେଉଥିବା ଜାଣିବା ନେଇ ଶ୍ରୀ ପ୍ରଧାନ ଖୁସି ବ୍ୟକ୍ତ କରିଥିଲେ ।ଲୋକାର୍ପଣ କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମ ଚ଼ନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କେ. ବାସା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପରୀକ୍ଷଣ ପ୍ରତିଷ୍ଠାନ(ଏସସିଏସ ଟିଆରଟିଆଇ)ର ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚ଼ିବ ପ୍ରଫେସର ଏ.ବି ଓତା, ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ଥ୍ରୋପୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର କେ.ସି ତ୍ରିପାଠୀ, ସ୍ୱର୍ଗତ ପ୍ରଫେସର ଏଲ.କେ ମହାପାତ୍ରଙ୍କ ପରିବାର ସଦସ୍ୟ ଓ ଆତ୍ମୀୟସଜନ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା, ଅଭିଯୁକ୍ତ ସ୍ୱାମୀ ଗିରଫ

ଜୟପୁର, (ପି.ଏନ): କୋରାପୁଟ ସଦର ଥାନା ଅନ୍ତର୍ଗତ ଛୋଟାଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ପାରିବାରିକ କଳହରୁ ସ୍ତ୍ରୀ ଜାନକୀ ଦାମୀଙ୍କୁ ସ୍ୱାମୀ ଦାମୋଦର ଦାମୀ ଗଳା କାଟି ହତ୍ୟା କରିଥିବା କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ପୂଜାରୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ଛୋଟାଗୁଡା ଗ୍ରାମରୁ ଖବର ପାଇ ସଦର ପୋଲିସ ଘଟଣାସ୍ଥଳକୁ ଯାଇଥିଲେ ।୧୦ ବର୍ଷ ତଳେ ବିବାହ ହୋଇଥିଲା, ସନ୍ତାନ ସନ୍ତତି ହେଉ ନ ଥିବାରୁ ଉଭୟଙ୍କ ମଧ୍ୟରେ ପାରିବାରିକ ତିକ୍ତତା ଥିଲା । ତାକୁ ନେଇ ବିଭିନ୍ନ ସମୟରେ ଦୁଇ ଜଣଙ୍କ ମଧ୍ୟରେ ଝଗଡା ହେଉଥିଲା । ଗତକାଲି ଝଗଡା ହେଲା ପରେ ଉତ୍ୟକ୍ତ ଅବସ୍ଥାରେ ଦାମୋଦର ସ୍ତ୍ରୀକୁ ହତ୍ୟା କରିଥିଲା ବୋଲି ସେ ସୂଚନା ଦେଇଛନ୍ତି । ଘଟଣାରେ ଦାମୋଦର ଦାମୀଙ୍କୁ ଗିରଫ କରାଯାଇଛି । ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ସେ ପ୍ରକାଶ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ସଦର ଥାନା ଅଧିକାରୀଙ୍କ ସହ ଅନ୍ୟାନ୍ୟ ପୋଲିସ ଅଧିକାରୀ ଯୋଗ ଦେଇଥିଲେ ।

ଜେଏସଡବ୍ଲ୍ୟୁ ଷ୍ଟିଲ୍ ଆରମ୍ଭ କଲା ନୂଆ କର୍ପୋରେଟ ପ୍ରଚାର ଅଭିଯାନ ଅଲଓ୍ୱେଜ ଆରାଉଣ୍ଡ

ଭୁବନେଶ୍ୱର,(ପି.ଏନ): ବହୁ କୋଟି ଡଲାର ଜେଏସଡବ୍ଲ୍ୟୁ ଗ୍ରୁପ୍‌ର କମ୍ପାନୀ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଏକ ପସନ୍ଦଯୋଗ୍ୟ ଗ୍ରାହକ ବ୍ରାଣ୍ଡ୍ ଭାବରେ ନିଜର ସ୍ଥିତି ଆଧାରରେ ଆମର ଦୈନନ୍ଦିନ ଜୀବନରେ ଯେଉଁଭଳି କେନ୍ଦ୍ରୀୟ ଭୂମିକା ନିର୍ବାହ କରୁଛି, ତାହା ସର୍ବସମ୍ମୁଖକୁ ଆଣିବା ସକାଶେ ଏକ ନୂଆ ପ୍ରଚାର ଅଭିଯାନ 'ଅଲଓ୍ୱେଜ ଆରାଉଣ୍ଡ' ଶୁଭାରମ୍ଭ କରିଛି । କମ୍ପାନୀ ଏହି ଅନନ୍ୟ, ଏହି ଧରଣର ପ୍ରଥମ ଯୋଗାଯୋଗ ଅଭିଯାନ ଆରମ୍ଭ କରିଛି ଯାହା ତାହାର ସାମ୍ପ୍ରତିକ ଉତ୍ପାଦ ଭିତ୍ତିକ ଯୋଗାଯୋଗରୁ ମାଷ୍ଟର ବ୍ରାଣ୍ଡର ଗାଥା ବର୍ଣ୍ଣନାକୁ ରୂପାନ୍ତରିତ ହୋଇଛି । ଏହି ସୃଜନଶୀଳ ଚଳଚ୍ଚିତ୍ରରେ ଜେଏସଡବ୍ଲ୍ୟୁ ଷ୍ଟିଲର ବିଭିନ୍ନ କ୍ଷେତ୍ରରେ ପ୍ରୟୋଗକୁ ଏକ ନିୟୋଜନକାରୀ ଏବଂ ମନୋରନଧର୍ମୀ ରୂପରେ 'କ୍ଲେମେସନ' ବିଚାରଧାରାରେ ପ୍ରଦର୍ଶିତ କରାଯାଉଛି । ଏହି ଚଳଚ୍ଚିତ୍ରରେ ନୀଳ ଓ ଲାଲ ରଙ୍ଗର କ୍ଲେ ବ୍ଲକଗୁଡିକ ଇସ୍ପାତର ବିବିଧ ପ୍ରକୃତିକୁ ପ୍ରତିଫଳିତ କରିବା ସକାଶେ ନିରନ୍ତର ନିଜର ଆକାର ପରିବର୍ତ୍ତନ କରୁଥିବା ଦେଖିବାକୁ ମିଳୁଛି । ସେହି କ୍ଲେ ଖଣ୍ଡଗୁଡିକୁ ନେଇ ଜେଏସଡବ୍ଲ୍ୟୁ ଷ୍ଟିଲ ଲୋଗୋ ଗଠନ ସହିତ ଚଳଚ୍ଚିତ୍ରର ପରିସମାପ୍ତି ଘଟୁଛି, ଯେଉଁଥିରେ ଟ୍ୟାଗ୍ ଲାଇନ ରହିଛି 'ଅଲଓ୍ୱେଜ ଆରାଉଣ୍ଡ', ଏହା ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ସର୍ବତ୍ର ଉପସ୍ଥିତିକୁ ସୂଚିତ କରୁଛି । ଏହି ସଦ୍ୟତମ ପ୍ରଚାର ଅଭିଯାନ ସମ୍ପର୍କରେ ମତଦେଇ ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ପାର୍ଥ ଜିନ୍ଦଲ କହିଛନ୍ତି, ନ୍ତଇସ୍ପାତ ଆମ ସମସ୍ତଙ୍କ ଚାରିପଟେ ରହିଛି ଏବଂ ଗ୍ରାହକ ଭାବରେ ଆଧୁନିକ ଜୀବନ ଯାପନରେ ଇସ୍ପାତ କିଭଳି କେନ୍ଦ୍ରୀୟ ଭୂମିକା ଗ୍ରହଣ କରୁଛି ତାହା ଆମେ ହୃଦବୋଧ କରୁନାହୁଁ । ଆମର ଅଧୁନାତମ ପ୍ରଚାର ଅଭିଯାନ 'ଅଲଓ୍ୱେ ଆରାଉଣ୍ଡ' ଆମର ଦୈନନ୍ଦିନ ଜୀବନରେ ଜେଏସ୍‌ଡବ୍ଲ୍ୟୁ ନିର୍ବାହ କରୁଥିବା ମୁଖ୍ୟ ଭୂମିକା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଥିଲା ଏବଂ ଏହା ବହୁବିଧ ସହଭାଗୀଙ୍କ ଅନ୍ତର୍ଦୃଷ୍ଟିରୁ ସୃଷ୍ଟି ହୋଇଥିଲା । ପ୍ରଚାର ଅଭିଯାନ ନିମନ୍ତେ ମୂଳ ଚିନ୍ତାଧାରା ରହିଥିଲା ଆମ ବ୍ରାଣ୍ଡର ଭାବଧାରାକୁ ସମକାଳୀନ ଉପାୟରେ ପ୍ରଦର୍ଶିତ କରିବା ।ନ୍ତ ଜୟନ୍ତ ଆଚାର୍ଯ୍ୟ, ଡେପୁଟି ଏମ୍‌ଡି, ଜେଏସଡବ୍ଲ୍ୟୁ ଷ୍ଟିଲ କହିଛନ୍ତି, ଜେଏସଡବ୍ଲ୍ୟୁ ଷ୍ଟିଲ ପ୍ରଯୁକ୍ତି କ୍ଷେତ୍ରରେ ବିପୁଳ ପୁନିବେଶ କରିଛି ଏବଂ ତାହାର ଗ୍ରାହକମାନଙ୍କୁ ସର୍ବଦା ଭିନ୍ନ ଧରଣର ଉତ୍ପାଦ ଯୋଗାଇ ଆସିଛି । ଦୀର୍ଘସ୍ଥାୟିତ୍ୱ, ବିବିଧ ଉତ୍ପାଦ ବର୍ଗମାଳା ଏବଂ ଉନ୍ନତ ସେବା ଯୋଗାଣ ନିମନ୍ତେ ଆମର ନିରନ୍ତର ଦୃଷ୍ଟି ନିବଦ୍ଧ ଆମ ଗ୍ରାହକମାନଙ୍କୁ ପୂର୍ଣ୍ଣ ବିଶ୍ୱାସର ସହିତ ବିଭିନ୍ନ ପ୍ରୟୋଗ କ୍ଷେତ୍ରରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ବ୍ୟବହାର କରିବାକୁ ସମର୍ଥ କରିଛି । ଏହି ପ୍ରଚାର ଅଭିଯାନ ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ସାର୍ବଜନୀନ ପ୍ରଭାବକୁ ଏକ ରୁଚିକର ଆକର୍ଷଣୀୟ ରୂପରେ ଜୀବନ୍ତ କରି ଗଢିତୋଳୁଛି ।ନ୍ତଏହି ପ୍ରଚାର ଅଭିଯାନ ଅଗ୍‌ଲିଭି ଦ୍ୱାରା ପରିକଳ୍ପନା କରାଯାଇଛି ଏବଂ ଏହା ବିଭିନ୍ନ ଅଧ୍ୟାୟ ଆକାରରେ ଟିଭି, ଡିଜିଟାଲ, ଓଏଏଚ୍ ଆଦି ସମେତ ୩୬୦ ଡିଗ୍ରୀ ସମନ୍ୱିତ ପ୍ରଚାର ଅଭିଯାନ ଜରିଆରେ ପ୍ରଦର୍ଶିତ ହେବ । ଅଗ୍‌ଲିଭି ଇଣ୍ଡିଆ ଚିଫ୍ କ୍ରିଏଟିଭ ଅଫିସର ସୁକେଶ ନାୟକ କହିଛନ୍ତି, ନ୍ତଜେଏସଡବ୍ଲ୍ୟୁ ଷ୍ଟିଲ ସମ୍ପ୍ରତି ଆମ ଜୀବନରେ ପ୍ୟାକେଜିଂ ଠାରୁ ଯାତାୟତ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଅଂଶବିଶେଷ ପାଲଟିଛି । 'ଅଲଓ୍ୱେଜ ଆରାଉଣ୍ଡ' ଏଥିପାଇଁ ଏକ ମଞ୍ଚ ହୋଇଛି । ଏହି ଚିନ୍ତାଧାରାକୁ ଦୃଶ୍ୟ ଆକାରରେ ରୂପାନ୍ତରଣ ଦ୍ୱାରା ଏହା ଜେଏସଡବ୍ଲ୍ୟୁ ବାସ୍ତବରେ କିଭଳି ଆମ ଚତୁର୍ପାର୍ଶ୍ୱରେ ରହିଛି ତାହା ଅତି ସୁନ୍ଦର ଭାବରେ ବର୍ଣ୍ଣନା କରୁଛି ।

ଯୋଗିମୁଣ୍ଡା କେନ୍ଦୁପତ୍ର ସିଜନାଲ କର୍ମଚାରୀଙ୍କ ବୈଠକ

ବଲାଙ୍ଗିର, (ପି.ଏନ): ପାଟଣାଗଡ଼ ଉପଖଣ୍ଡ ଯୋଗିମୁଣ୍ଡା ରେଞ୍ଜର କେନ୍ଦୁପତ୍ର ସିଜନାଲ କର୍ମଚାରୀଙ୍କ ଏକ ଜରୁରୀକାଳୀନ ବୈଠକ ଡୁମେରପଦର ଗ୍ରାମର ପତ୍ରଫଡି ଠରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପାଟଣାଗଡ଼ ଡିଭିଜନର ସଂପାଦକ ଶିବାନନ୍ଦ ପଟ୍ଟିଛାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରେଞ୍ଜ ଅଧିନସ୍ଥ ଖାଲି ପଡିଥିବା ପଦବୀ ପୂରଣ କରିବା ସହ ମୁନସୀ ଓ ଚପରାସୀଙ୍କ କାର୍ଯ୍ୟକାଳ ବୃଦ୍ଧି କରାଇବା ଏବଂ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହି କ୍ରମରେ ପାଟଣାଗଡ଼ ଡିଭିଜନରେ ଥିବା ୮ଟି ରେଞ୍ଜରେ ସଂଗଠନ ପକ୍ଷରୁ ଆଗାମୀ ଦିନରେ ବୈଠକମାନ କରାଯାଇ ଲାଗି ରହିଥିବା ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବ ବୋଲି ନିଷ୍ପତି ନିଆଯାଇଥିଲା ।ଏହି ବୈଠକରେ ଯୋଗିମୁଣ୍ଡା ରେଞ୍ଜର ସଭାପତି ଦଳପତି ଛତର, ସଂପାଦକ ମନୋଜ କୁମାର ସାହୁ, କାଶୀପ୍ରସାଦ ସାହୁ, ପ୍ରହଲ୍ଲାଦ ମୁଦୁଲି, ବିରଂଚି ବଗର୍ତୀ, ବଳ ଧରୁଆ, ସୁରେଶ ନାଗ, ବାଲ ମୁକୁନ୍ଦ ସାହୁ, ଶିବ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ରାମଚରଣ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

କଲରା ଫସଲରେ ଭୁରୁଙ୍ଗା ରୋଗ, ଚନ୍ତାରେ ଚାଷୀ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକରେ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି ଜଳବାୟୁ ପରିବର୍ତନ । ଅନେକ ସମୟରେ ଲଗାଣ ବର୍ଷା ଓ ବନ୍ୟାରେ ଧାନ ଚାଷରେ କ୍ଷତି ସହିଥାନ୍ତି ଚାଷୀକୂଳ । ସେଥିରୁ ମୁକୁଳିବା ପାଇଁ ବିଭିନ୍ନ ପନିପରିବା ଫସଲ କରିଥାନ୍ତି । ଆଶା ଥାଏ ଫସଲ କ୍ଷତିର ଭରଣା ହେବ । କନ୍ତୁ ଏବେ ଚାଷୀ କରିଥିବା କଲରା ଚାଷରେ ଦେଖାଦେଇଛି ଭୁରୁଙ୍ଗା ରୋଗ । ଫଳରେ ଚାଷୀ ମୁଣ୍ଡରେ ଚଡକ ପଡିଛି । କଲରା ଚାଷରେ ଦେଖାଦେଇଛି ଭୁରୁଙ୍ଗା ରୋଗ । ଫଳରେ ଏକର ଏକର କଲରା ଫସଲ କ୍ଷତିଗ୍ରସ୍ତ ହୋଇଛି । ଯାହାକୁ ନେଇ ଚନ୍ତାରେ ଚାଷୀକୂଳ । ବିଶେଷ କରି ଧର୍ମଶାଳା ବ୍ଲକର ମିର୍ଜାପୁର, ପାଟପୁର ଆଦି ଅଂଚଳର ଚାଷୀ ଶହ ଶହ ଏକର ଜମିରେ କଲରା ଚାଷ କରିଥିଲେ । ଭଲ ଫସଲ ଅମଳ ହେବା ନେଇ ଆଶା ମଧ୍ୟ ରଖିଥିଲେ । କନ୍ତୁ ଏବେ ଏହି ଫସଲରେ ଦେଖାଦେଇଛି ଭୁରୁଙ୍ଗା ରୋଗ । ରୋଗ ଯୋଗୁ ଗଛର ଅଗ ଭାଗ ପତ୍ର ସବୁ ମୋଡି ହୋଇଯିବା ସହ ଫଳ ବଢୁନାହିଁ । ଯେଉଁ ସମୟରେ କଲରା ତୋଳା ହୋଇ ବିକ୍ରୀ ହେବା କଥା ସେହି ସମୟରେ ଫଳ ବାହାରୁନାହିଁ । ଧାର କରଜ କରି ଚାଷ କରିଥିବା ଚାଷୀ ଫସଲକୁ ଦେଖି ଏବେ ଚନ୍ତାରେ ପଡିଛି । ଅତ୍ୟଧିକ ତାପମାତ୍ରା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କହିଛନ୍ତି ଚାଷୀ । ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ସଂପୃକ୍ତ ଅଂଚଳର ଚାଷୀକୂଳ ପ୍ରଭୂତ କ୍ଷତି ସହିଥିଲେ । ତେବେ ଏହି ଫସଲ କରି ଭଲ ଅମଳ ହେବା ନେଇ ଆଶା ରଖିଥିଲେ । କନ୍ତୁ ଏବେ ଏହି ଫସଲରେ ଭୁରୁଙ୍ଗା ରୋଗ ଦେଖାଦେବା ଫଳରେ ଚାଷୀ ମୁଣ୍ଡରେ ଚଡକ ପଡିଛି । ଏକର ଏକର କଲରା ଫସଲ ନଷ୍ଟ ହେବାକୁ ବସିଛି । ଏହି ଚାଷ ଉପରେ ନିର୍ଭର କରି ଚଳୁଥିବା ଅଂଚଳର ଚାଷୀ ଏବେ କିପରି ନିଜର ପରିବାର ପ୍ରତିପୋଷଣ କରିବେ ସେ ନେଇ ଚନ୍ତାରେ । ଏପରିକି ଗଛ ଗୁଡିକ ଉପାଡିଦେବାକୁ ଆରମ୍ଭ କଲେଣି । ଆଉ କିଛି ଚାଷୀ ବାରମ୍ବାର ଚାଷରେ କ୍ଷତି ସହୁଥିବାରୁ ଚାଷ କ୍ଷେତ୍ରରୁ ମୁହଁ ଫେରାଇବାକୁ ବସିଲେଣି । ଏପରିସ୍ଥଳେ ସରକାରୀ ସହାୟତା ମିଳିଲେ ଚାଷୀ କୂଳ ପୁଣି ଅଂଟା ସଳଖି ଛିଡା ହୋଇପାରିବେ ବୋଲି ଆଶା ରଖିଛନ୍ତି । ଏପଟେ ଚାଷୀଙ୍କର କ୍ଷୟକ୍ଷତିର ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ କହିଛନ୍ତି ଧର୍ମଶାଳା ଉଦ୍ୟାନ ବିଭାଗ ସହକାରୀ ଅଧିକାରୀ ଶୁଭଶ୍ରୀ ଶୁଭଦର୍ଶିନୀ ।

ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ୍ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗ୍‌ଦିସ୍ମ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Saturday June 11, 2022 | ଭୁବନେଶ୍ୱର ଶନିବାର, ଜୁନ ୧୧,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଫୁଲବାଣୀ ପ୍ରେସ କ୍ଲବ ପକ୍ଷରୁ ସାଂସଦ ଡଃ.ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା

ଫୁଲବାଣୀ,(ପି.ଏନ): ଫୁଲବାଣୀ ଜିଲ୍ଲା ପ୍ରେସ କ୍ଲବ ର ବିଭିନ୍ନ ଅଭାବ ଅସୁବିଧା କୁ ହୃଦୟଙ୍ଗମ କରି କନ୍ଧମାଳ ସଂକ୍ଷସଦ ଡ଼ଃ ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଭାବେ ଏକଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି କ୍ଷଏ ନେଇ ସାଂସଦ ପ୍ରତିନିଧି ଦେବେନ୍ଦ୍ର ସାମଲ ସୂଚ଼ନା ଦେଇଛନ୍ତି କ୍ଷଫଳରେ ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, ସମ୍ପାଦକ ପ୍ରଶାନ୍ତ ବେହେରା ,ସହ-ସମ୍ପାଦକ ରମେଶ ଚ଼ନ୍ଦ୍ର ପ୍ରଧାନ ଉପ-ସଭାପତି ସତ୍ୟ ନାରାୟଣ ବେହେରା, ସୁନୀଲ ବିଶ୍ୱାଳ ଓ ଅନ୍ୟସଦସ୍ୟ ମକ୍ଷନେ କୃତଜ୍ଞତା ଜଣାଇଛନ୍ତି କ୍ଷଏହି ଅର୍ଥ ରେ ପ୍ରେସ୍ର କ୍ଲବ ର ଅକ୍ଷବଶ୍ୟକୀୟ ସରଞ୍ଜାମ କିଣାଯିବ ବୋଲି ସଭାପତି ପ୍ରକାଶ କରିଛନ୍ତି କ୍ଷନିକଟରେ ସାଂସଦ ଡ଼ଃ. ସାମନ୍ତ ପ୍ରେସ କ୍ଲବ ର ଅତିରିକ୍ତ ଗୃହ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇ ଥିବା ଅବସର ରେ ପ୍ରେସ କ୍ଲବ ପକ୍ଷରୁ ଅନୁରୋଧ କରାଯାଇଥିଲା । ଆଗକୁ ମଧ୍ୟ ସମ୍ପୁର୍ଣ ସହଯୋଗ ଜାରୀ ରହିବ ବୋଲି ସାଂସଦ ଡ଼ଃ. ସାମନ୍ତ ପ୍ରତିଶ୍ରୁତି ଦେଇଛନ୍ତି ।

ଭ୍ରାମ୍ୟମାଣ ପାଠାଗାର ଉଦଘାଟିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ନହଙ୍ଗାପାଟଣା ଗ୍ରାମର ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଭ୍ରାମ୍ୟମାଣ ପାଠାଗାର ଆଜି ଉଦଘାଟିତ ହୋଇଯାଇଛି । ବରଗଡ ଜିଲ୍ଲାର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଅନୁକୁଲ୍ୟରେ ଛାତ୍ରଛାତ୍ରୀମାନଙ୍କ ପାଖରେ ପାଠାଗାର ପହଂଚାଇବା ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା କରାଯାଇଛି । ଶିଶୁଶ୍ରୀ ପାଠାଗାରର ରାଜ୍ୟ ଆବାହକ ତଥା ଶିଶୁ ସାହିତ୍ୟିକ ଡ. ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ରାଜକିଶୋର ପାଢୀ,ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କାହ୍ନୁଚରଣ ଦାଶ, ପ୍ରଧାନ ଶିକ୍ଷକ ପବିତ୍ର କୁମାର କର, ପୁର୍ବତନ ସମିତିସଭ୍ୟ ଜଳଧର ସାହୁ ପ୍ରମୁଖ ଯୋଗଦେଇ ପୁସ୍ତକ କିଣିବା, ପଢିବା ଓ ଉପହାର ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରୀ ରାଜସ୍ମିତା କୁଣ୍ଡୁ, ଦେବଜାନୀ କୁଣ୍ଡୁ ଓ ଯାଜ୍ଞସେନୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ୧୪ ଜଣ ବିଶ୍ୱକର୍ମାଙ୍କ ସହିତ ୮ ଜଣ ସହାୟକ ରଥ ନିର୍ମାଣ କାର୍ଯ୍ୟରେ ଲାଗି ପଡିଛନ୍ତି । ଏହି ବ୍ରହ୍ମତାଳଧ୍ୱଜ ରଥର ଚକ ସଂଖ୍ୟା ହେଉଛି ୧୪ । ୧୪ ଚକ ବିଶିଷ୍ଟ ରଥରେ ବିଜେ କରି ଶ୍ରୀଜୀଉମାନେ ଆସନ୍ତା ଜୁଲାଇମାସ ଏକ ତାରିଖରେ ମାଉସୀ ମା' ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ । ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ କରିବା ପାଇଁ କୁହୁଡ଼ି, ନରେନ୍ଦ୍ରପୁର, ନାରାୟଣପୁର, ନେମ୍ବରା ପ୍ରଭୃତି ଗ୍ରାମର ମହାରଣାମାନେ ନିୟୋଜିତ ହୋଇଛନ୍ତି । ରଥ ନିର୍ମାଣ ଦାୟିତ୍ୱରେ ଥିବା ମୁଖ୍ୟ ବିଶ୍ୱକର୍ମା ରଘୁନାଥ ମହାରଣା କୁହନ୍ତି ଆମର ପୂର୍ବ ପୁରୁଷମାନେ ରଥ ନିର୍ମାଣ କାର୍ଯ୍ୟ କରୁଥିଲେ । ବଂଶାନୁକ୍ରମିକ ଭାବେ ଆମେ ଏହି ରଥ ନିର୍ମାଣ କାର୍ଯ୍ୟ କରୁଛୁ । ମୁଁ ଯେତେବେଳେ ପ୍ରଥମେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଲି ସେତେବେଳେ ପାରିଶ୍ରମିକ ଥିଲା ଦିନକୁ ମାତ୍ର ୭ଟଙ୍କା । ଏବେ ତାହା ବୃଦ୍ଧି ପାଇ ୫୦୦ ଟଙ୍କାରେ ପହଁଚି । ରଥ ନିର୍ମାଣ କାର୍ଯ୍ୟ କରିବା ବେଳେ ଆମକୁ ଏକ ନିଆରା ଅନୁଭୂତି ମିଳେ ଯାହା ବର୍ଷ ସାରା ପେଟ ପାଟଣା ପାଇଁ ଅନ୍ୟ କୌଣସି କାର୍ଯ୍ୟ କଲେ ମିଳେନାହିଁ । ତେଣୁ ଆମେ ଚାହିଁ ବସିଥାଉ କେବେ ଅକ୍ଷୟ ତୃତୀୟ ଆସିବ ଓ ଆମେ ରଥ ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବୁ । ବ୍ରହ୍ମ ତାଳଧ୍ୱଜ ରଥରେ ୧୪ ଚକ, ୭ ଅଖ, ୬୪ ଖୁଣ୍ଟିଆ, ୪ ମୁଖ୍ୟ ନାହାକା, ୧୬ କଣି ନାହାକା, ୮ଟି ବରାନ୍ଦ ବ୍ୟବହାର କରାଯାଇଥାଏ ବୋଲି ସେ କହିଛନ୍ତି । ସେହିପରି ଅନ୍ୟ ଜଣେ ମହାରଣା ପୁରୁଷୋତ୍ତମ ଓଝା କହିଛନ୍ତି ସେ ଗତ ୪୦ ବର୍ଷ ହେବ ରଥ ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ବର୍ଷର ଅନ୍ୟ ସମୟରେ ସେମାନେ ଅନ୍ୟାନ୍ୟ କାଠ କାମ କରିଥାନ୍ତି । ହେଲେ ରଥ ନିର୍ମାଣ କରିବାରେ ଯେଉଁ ଆନନ୍ଦ ମିଳିଥାଏ ତାହା ଅନ୍ୟ କୌଣସି କାମ କରିବାରେ ମିଳି ନ ଥାଏ ବୋଲି ସେ କହିଛନ୍ତି ।

ଭିନ୍ନକ୍ଷମ ପୁଅ ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ମା'ର ନିବେଦନ

କେନ୍ଦ୍ରାପଡ଼ା,(ପି.ଏନ): ଜଣେ ୯୫ ପ୍ରତିଶତ ଭିନ୍ନକ୍ଷମ ପୁଅକୁ ସରକାରୀ ସହାୟତା ପ୍ରଦାନ କରାଯିବାକୁ ତା'ର ମା ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି । ଜିଲ୍ଲାର ରାଜକନିକା ବ୍ଲକ ଅନ୍ତର୍ଗତ କାଟଣା ଗ୍ରାମ ପଞ୍ଚାୟତ ଅତରପୁର ଗ୍ରାମର ଶ୍ରୀକାନ୍ତ କୁମାର ନାୟକଙ୍କ ୧୩ ବର୍ଷର ପୁଅ ସୁରଜ ନାୟକ ୯୫ ପ୍ରତିଶତ ଭିନ୍ନକ୍ଷମ ଅଟନ୍ତି । ଭିନ୍ନକ୍ଷମଙ୍କ ପାଇଁ ସରକାରୀ ସ୍ତରରେ ଥିବା ସମସ୍ତ ସୁବିଧା ସୁଯୋଗ ପାଇବା ନିମନ୍ତେ ମା' ସରସ୍ୱତୀ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ତାଙ୍କୁ ଏ ପର୍ଯ୍ୟନ୍ତ ସରକାରୀ ସାହାଯ୍ୟ ମିଳିପାରି ନାହିଁ । ଏ ଘଟଣାକୁ ନେଇ ସରସ୍ୱତୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଭେଟି ପୁଅ ସୁରଜକୁ ସରକାରୀ ସହାୟତା ଯଥା ଭତ୍ତା, ଆବାସ ଯୋଜନା, ରାସନ କାର୍ଡ ଆଦି ସୁବିଧା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

ମହିଳାଙ୍କୁ ମରଣାନ୍ତକ ଆକ୍ରମଣ : ଅଭିଯୁକ୍ତକୁ ଧରୁନି ପୋଲିସ, ଏସ୍‌ପିଙ୍କୁ ଅଭିଯୋଗ

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ନିକିରାଇ ଥାନା ଅନ୍ତର୍ଗତ ଘାଘରା ଗ୍ରାମରେ ରହି ବ୍ୟବସାୟ କରୁଥିବା ନହଙ୍ଗ ଗ୍ରାମର ଜଣେ ମହିଳାଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଆକ୍ରମଣର ଶିକାର ମହିଳାଙ୍କ ନାମ ସଂଯୁକ୍ତା ବେହେରା । ଭୁଜାଲି ଆକ୍ରମଣରେ ସଂଯୁକ୍ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ଏହା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରିବା ପରେ ସେ ନିକିରାଇ ଥାନାରେ ଏସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ନିକିରାଇ ଥାନା ପୋଲିସ ତାଙ୍କ ଏତଲା ଗ୍ରହଣ ନ କରି ତାଙ୍କୁ ଦୁର୍ବ୍ୟବହାର କରି ଥାନାରୁ ବିଦା କରି ଦେଇଥିଲେ । ଥାନାରୁ ନିରାଶ ହେବା ପରେ ସଂଯୁକ୍ତା ସପରିବାର ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପଦ ମଡ଼କରଙ୍କୁ ସାକ୍ଷାତ କରିଥିଲେ । ତାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ଆରକ୍ଷୀ ଅଧିକ୍ଷକ ପ୍ରତିଶ୍ରୁତି ଦେଇଛନ୍ତି । ଏସ୍‌ପିଙ୍କ ହସ୍ତକ୍ଷେପ ପରେ ସଂଯୁକ୍ତଙ୍କ ଏତଲାକୁ ଥାନା ଅଧିକାରୀ କାଦମ୍ବିନୀ ପରିଡ଼ା ଗ୍ରହଣ କରିଛନ୍ତି । ଏହି ଅବସରରେ ସଂଯୁକ୍ତା କହିଛନ୍ତି ପୂର୍ବରୁ କାଦମ୍ବିନୀ ପରିଡ଼ା ଏତଲା ଗ୍ରହଣ କରି ନଥିଲେ । ହେଲେ ଏବେ ଏସ୍‌ପିଙ୍କ ଚାପ ପଡିବାରୁ ସେ ଏତଲା ଗ୍ରହଣ କଲେ ।

ଧର୍ମଶାଳାର ୨୨ଟି ରୁପାନ୍ତରିତ ହାଇସ୍କୁଲ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକରେ ୫ଟି ଯୋଜନାରେ ରୁପାନ୍ତରିତ ୨୨ ଗୋଟି ହାଇସ୍କୁଲକୁ ଆଜି ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମୋଡରେ ଲୋକାର୍ପିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରୁପାନ୍ତରିତ ସ୍କୁଲଗୁଡିକର ଲୋକାର୍ପଣ କରିଥିବା ବେଳେ ଧର୍ମଶାଳା ବ୍ଲକର ୨୨ ଗୋଟି ସ୍କୁଲକୁ ଲୋକାର୍ପିତ କରିଛନ୍ତି । ଏହି ବ୍ଲକର ଜାରକା ହାଇସ୍କୁଲ, ଅମରେଶ୍ୱରୀ ହାଇସ୍କୁଲ ଉତ୍ତରଶାସନ, ପତିତପାବନ ହାସ୍କୁଲ ଗଙ୍ଗାଧରପୁର, ଦାମୋଦର ବିଦ୍ୟାପୀଠ ଅଚ୍ୟୁତପୁର, ଲାଲବାହାଦୁର ହାଇସ୍କୁଲ କାଏମା, ଶ୍ୟାମସୁନ୍ଦର ହାଇସ୍କୁଲ ମିର୍ଜାପୁର, ଉଦୟବଟ୍ଟ ହାଇସ୍କୁଲ ପଟୁଣିଆ, ପଂଚାୟତ ହାଇସ୍କୁଲ ଅରେଇକଣା, ୟୁଜିପିଏଲଏନ ହାଇସ୍କୁଲ ନହଙ୍ଗାପାଟଣା, ସିନ୍ଦୁରିଆ ନୋଡାଲ ସ୍କୁଲ ସିନ୍ଦୁରିଆ, ସିଦ୍ଧନାରାୟଣ ନୋଡାଲ ହାଇସ୍କୁଲ କ୍ଷେତ୍ରପାଳ, ଗୋପାଳଜିୟୁ ହାଇସ୍କୁଲ ମୁରାରୀପୁର, ଆରୁହା ହାଇସ୍କୁଲ, ମାସିନ୍ଦୁରେଇ ହାଇସ୍କୁଲ କୁରିକଣା, ଲକ୍ଷ୍ମୀନାରାୟଣ ହାଇସ୍କୁଲ ତରିଆ, ସ୍ୱପ୍ନେଶ୍ୱର ହାଇସ୍କୁଲ ବାଟିଯୋଡା, ପଂଚାୟତ ହାଇସ୍କୁଲ ବିଛାଖଣ୍ଡି, ବ୍ରାହ୍ମଣୀଦେବୀ ହାଇସ୍କୁଲ ବାଘୁଆ, ବଳରାମପୁର ହାଇସ୍କୁଲ, କବାଟବନ୍ଧ ହାଇସ୍କୁଲ ଓ ପଂଚାୟତ ହାଇସ୍କୁଲ ରେଖରଦେଇପୁର ଆଦି ୨୨ ଗୋଟି ରୁପାନ୍ତରିତ ସ୍କୁଲକୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଲୋକାର୍ପିତ ଉତ୍ସବ ଅବସରରେ ଜାରକା ହାଇସ୍କୁଲ ଠାରେ ବଇଓ ନିକି ବିହାରୀ ମହାନ୍ତି, ପ୍ରଧାନ ଶିକ୍ଷକ ବୀରବର ବେହେରା, ଶିକ୍ଷକ ସଦୀପ୍ତ କୁମାର ମହାନ୍ତି, ଯିତେନ୍ଦ୍ର ରାଉତ, ନରେନ୍ଦ୍ର କୁମାର ଲେଙ୍କା, ଜୟପ୍ରକାଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତଥିଲେ । ସେହିପରି ଉତ୍ତରଶାସନ ଅମରେଶ୍ୱରୀ ହାଇସ୍କୁଲ ଠାରେ ପ୍ରଧାନ ଶିକ୍ଷୟତ୍ରୀ ରିତାରାଣୀ ନାୟକ ଓ ଯୁବ ସଙ୍ଗଠକ ପ୍ରତାପ ପ୍ରଧାନ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତଥିଲେ ।

ପ୍ରଥମ ଜାତୀୟ ଜ୍ୟୋତିଷଶାସ୍ତ୍ର କର୍ମଶାଳା-୨୦୨୨ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ) : ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ପ୍ରଥମ ଜାତୀୟ ଜ୍ୟୋତିଷଶାସ୍ତ୍ର କର୍ମଶାଳା ୨୦୨୨ ଅନୁଷ୍ଠିତ ହୋଇଯାଇଛି । ଜ୍ୟୋତିଷଶାସ୍ତ୍ର ସହ ବିଜ୍ଞାନର କିଭଳି ସମ୍ପର୍କ ଅଛି ଏବଂ ପ୍ରତିଟି ମୁହୂର୍ତ୍ତରେ ମାନବ ଜାତିରେ କିଭଳି ଅନୁଭୂତ ହୁଏ ତାହା ଉପରେ ଆଲୋଚନା ହୋଇଥିଲା । ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଗ୍ରହ, ନକ୍ଷତ୍ର ମାନଙ୍କ ପ୍ରଭାବ ଏବଂ ସେ ବିଷୟ ସମସ୍ତେ କିପରି ଜ୍ଞାନପ୍ରାପ୍ତ ହେବେ ଏବଂ ରାଜ୍ୟର ପ୍ରତି କୋଣେ କୋଣେ ଜ୍ୟୋତିଷ ବିଦ୍ୟା ଉପରେ ସମସ୍ତଙ୍କର କିଭଳି ଜ୍ଞାନ ହେବ ସମସ୍ତଙ୍କ ଦୃଷ୍ଟି ଜ୍ୟୋତିଷଶାସ୍ତ୍ର ରହିବ ତାହାରି ଉପରେ ବିଶେଷ ଆଲୋଚନା କରାଯାଇଥିଲା । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ହରିହର ହୋତା, ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରଫେସର ସୁବାସ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଖଗେଶ୍ୱର ମିଶ୍ର ବଶିଷ୍ଟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଗୋରଖପୁର ଶାଖାଦୀପ ସଂଗଠନ ମନ୍ତ୍ରୀ ଶ୍ରୀ ଅନନ୍ତ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଜାମ୍ମୁ କାଶ୍ମୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଆବାହକ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଜ୍ୟୋତିଷ ବିଭାଗର ଆସି୍ଟାଣ୍ଟ ପ୍ରଫେସର ଗିରିଧର ନାୟକ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray